# ଦିନ ସରୁଛି, ତୋଷାଳି ମେଳାରେ ଭିଡ଼ ଜମୁଛି



ଭୁବନେଶ୍ୱର,୮।୪(ବ୍ୟୁରୋ)

ବ୍ୟବସାୟୀ, କାରିଗର, ଗ୍ରାହକ, ଦର୍ଶକ ଓ ଆୟୋଜକ ସମସ୍ତଙ୍କ ମୁହଁରେ ହସ ଭରିଦେଇଛି ଜାତୀୟ ହସ୍ତଶିଳ୍ପ ମେଳା 'ତୋଷାଳି'। ଦୀର୍ଘ ୨ବର୍ଷର ବ୍ୟବଧାନ ପରେ ଜନତା ମଇଦାନଠାରେ ମାର୍ଚ୍ଚ ୨୮ରୁ ଆରମ୍ଭ ହୋଇଥିବା ଏହି ମେଳାର ଭିଡ଼କୁ ଦେଖିଲେ ବେପାର ଭଲ ହେଉଥିବା ବାରି ହୋଇପଡୁଛି। ଆସନ୍ତା ୧୦ ତାରିଖରେ ମେଳା ସରୁଛି। ତେଣୁ ଶେଷ ଦୁଇଦିନ ଶନିବାର ଓ ରବିବାର ଆହୁରି ଭିଡ଼ ଜମିବ ଓ ବେପାର ବଢ଼ିବ ବୋଲି ଆଶା କରାଯାଉଛି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ୩୯୦ ଷ୍ଟଲ୍ ଖୋଲିଥିବାବେଳେ ଓଡ଼ିଶା ତଥା ରାଜ୍ୟ ବାହାରର କାରିଗର ଓ ଶିଳ୍ପୀମାନେ ନିଜ ହସ୍ତଶିଳ୍ପ ସାମଗ୍ରୀର ପସରା ମେଲାଇ ବସିଛନ୍ତି। ଟସର ସିଲ୍କ, କୋଟପାଡ଼, ବ୍ରାସୋର ବିଭିନ୍ନ ଡ୍ରେସ, ପଞ୍ଜାବ ଓ ରାଜସ୍ଥାନୀ ଯୋତି, ଢେଙ୍କାନାଳ ଶିଙ୍ଗକାମ, ପିତ୍ତଳ କାମ, ଫିଲିଗିରି, କାଗଜ ତିଆରି ଘର ସଜା ସାମଗ୍ରୀ, କାଚ, କାଠ, ମାଟି, ବୁଣାକାମ, ପେପେର ୱାର୍କ, ଘାସ କାମ ଆଦିର କାରୁକାର୍ଯ୍ୟପୂର୍ଣ୍ଣ ଜିନିଷପତ୍ର ମନ ମୋହୁଛି। କେବଳ ରାଜଧାନୀବାସୀ ନୁହନ୍ତି, ବିଭିନ୍ନ ସ୍ଥାନରୁ ଲୋକେ ପରିବାର ଓ ସାଙ୍ଗସାଥୀଙ୍କ ସହ ଆସି ଏଠାରେ ବୁଲାବୁଲି କରିବା ସହ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ କିଣାକିଣି କରି ଖୁସି ମନରେ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି।

## ଗୁଡ୍‌ଲୀଙ୍କ ଡିଜାଇନ୍‌ରେ ଆର୍ଟର ଆକର୍ଷଣ



୨୮ବର୍ଷୀୟ ଗୁଡ୍‌ଲୀ ରାଣୀ ପି. ସୀତାଂଶୁ ନିଜ ହାତ ତିଆରି ସାମଗ୍ରୀ ସବୁକୁ ନେଇ ମେଳାରେ ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିଛନ୍ତି। ତାଙ୍କ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଛି। ବିଶେଷତଃ ମହିଳାଙ୍କ ପାଇଁ ସେ ସଜାଇ ରଖିଛନ୍ତି ଭଳିକି ଭଳି ଡିଜାଇନ୍‌ର ସାମଗ୍ରୀ। ହେୟାର ବ୍ୟାଣ୍ଡ୍‌ରୁ ଆରମ୍ଭ କରି ଏଥେନିକ, ୱେଷ୍ଟର୍ନ, ହ୍ୟାଣ୍ଡ୍ ପେଣ୍ଟେଡ୍ ଘଣ୍ଟା, ବ୍ୟାଚ, ପ୍ୟାଚ, ଆସେସାରିଜ, ଇଣ୍ଟେରିୟର ଡିଜାଇନ ଆଦିରେ ଦେଖିବାକୁ ମିଳିଥିଲା ବେଶ୍ ଲୋଭନୀୟ କାମ। ୧୦୦ରୁ ଆରମ୍ଭ କରି ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ତାଙ୍କ ଦୋକାନରେ ଦେଖିବାକୁ ମିଳୁଛି। ଓଡ଼ିଶା ତଥା ବାହାରର ବିଭିନ୍ନ ପ୍ରକାର ଆର୍ଟକୁ ସେ ତାଙ୍କ ଡିଜାଇନରେ ସ୍ଥାନ ଦେଇଛନ୍ତି।

## ମନ ଜିଣୁଛି ପୁରୀ ଫିଲିଗ୍ରୀ ସାମଗ୍ରୀ



ପୁରୀର ଫିଲିଗ୍ରୀ କାମ ସତରେ ବହୁତ ସୁନ୍ଦର। ଏହାକୁ ଆକର୍ଷଣୀୟ ଭାବେ ତିଆରି କରି ଗ୍ରାହକଙ୍କୁ ଭେଟି ଦେଇଛନ୍ତି ୫୫ବର୍ଷୀୟ କାରିଗର ତ୍ରିଲୋଚନ କରଣ। ଛୋଟଛୋଟ କାନଫୁଲ, ଚୁଡ଼ି, ବେଙ୍ଗଲ୍ସ, ନେକ୍‌ଲେସ, ପର୍ସ ଆଦି ରୂପାର ଏକ ସୁନ୍ଦର ଝଲକ ଦେଉଥିଲା। ପଢୁଥିବା ଝିଅମାନେ ଏହି କାମ ପ୍ରତି ଆକର୍ଷିତ ହୋଇ ଦୋକାନରେ ଭିଡ଼ ଲଗାଇଥିଲେ। ୨୦୦ରୁ ଆରମ୍ଭ କରି ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ତାଙ୍କ ପାଖେ ଉପଲବ୍ଧ।

## ଘରସଜ୍ଜା ସାମଗ୍ରୀ କିଣିବାକୁ ଭିଡ଼

ଘରକୁ ସଜାଉଥିବା ଲୋକମାନେ ବିଭିନ୍ନ ପ୍ରକାର ଘର ତିଆରି ସମାଗ୍ରୀ କିଣିବାକୁ ଭଲ ପାଆନ୍ତି। ୨୮ବର୍ଷୀୟ ଆର୍ଯ୍ୟ କୁମାର ଉତ୍ତରପ୍ରଦେଶରୁ ଆସି କାଚ ତିଆରି ବିଭିନ୍ନ ସାମଗ୍ରୀ ସହ ହ୍ୟାଙ୍ଗିଙ୍ଗ ଓ ଟେବଲ ଲ୍ୟାମ୍ପ ସଜାଇ ରଖିଛନ୍ତି। ଏଥିସହ ଅନେକ ପ୍ରକାର ଡିଜାଇନର ଗ୍ଲାସ, ଗିଫ୍ଟ ଆଇଟମର ଦାମ୍ ୨୦ରୁ ୭୦୦୦ ଯାଏ ରହିଛି। ସରକାରଙ୍କ ତରଫରୁ ଆବଶ୍ୟକ ସୁବିଧା ମିଳିବା ସହ ବେପାର ଠିକ୍ ଚାଲିଥିବା ସେ କହିଛନ୍ତି।



## ଶାନ୍ତି ଦେଉଛି ସୁଆଦିଆ ଖାଦ୍ୟ

କେବଳ କିଣିବା ନୁହେଁ, ସନ୍ଧ୍ୟା ଆରମ୍ଭରୁ ବେଶି ଭିଡ଼ ଲାଗୁଛି ଖାଇବା ଷ୍ଟଲରେ। ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନକୁ ଦେଖି ଲୋଭ ସମ୍ବରଣ କରି ପାରୁ ନାହାନ୍ତି ଲୋକେ। ଖାଦ୍ୟର ଏକ ଲୋଭନୀୟ ବାସ୍ନା ଦର୍ଶକଙ୍କୁ ଟାଣି ଆଣୁଥିଲା ଏହି ଷ୍ଟଲଗୁଡ଼ିକ ପାଖକୁ। ନିମାପଡ଼ା ଝିଲ୍ଲୀ, ରାବିଡ଼ି, ବାରିପଦା ମୁଢି ମାଂସ, ଚାଟ୍, ଦହିବରା, ମଟନ ପତ୍ରପୋଡ଼ା, କ୍ଷୀର ପୋଡ଼ ପିଠା, କଫି, ମକ୍‌ଟେଲ୍ସ, ସେକ୍, କୁଲଫି ପ୍ରଭୃତି ଅନେକ ଖାଦ୍ୟ ୧୦ଟି ଫୁଡ ଷ୍ଟଲରେ ଦେଖିବାକୁ ମିଳିଥିଲା। ଚନ୍ଦ୍ର ଶେଖର ସିଂଙ୍କର ଷ୍ଟଲ ସିଙ୍ଗ ଜି ଫୁଡ୍ ସର୍ଭିସରେ ପରସା ଯାଉଥିବା ଖାଦ୍ୟ ମଟନ ଚକୁଳିକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏଥିସହ ପରଟା ମଷ୍ଟାର୍ଡ ଚିକେନ ଓ ଏଥର ନୂଆ କରି କରାଯାଇଥିବା ଚକୁଳି ପିକଲ ଚିକେନ ଓ ଫ୍ରାଏଡ଼ ଆଇସକ୍ରିମ ଖାଦ୍ୟରେ ରୁଚିଥିବା ଲୋକଙ୍କୁ ଟାଣି ନେଉଥିଲା।

## ମାଣ୍ଡିଆ ଖାଦ୍ୟର ଚାହିଦା




ମାଣ୍ଡିଆରେ ଯେ ସୁସ୍ୱାଦୁ ଖାଦ୍ୟ ସବୁ କରାଯାଇପାରବ ତାହା ପ୍ରମାଣ କରିଛନ୍ତି ମିଶନ ଶକ୍ତି ପକ୍ଷରୁ ବିଶ୍ୱ ବିଜୟିନୀ ମହାସଂଘ। ୧୦ଜଣ ମହିଳା ମାଣ୍ଡିଆରେ ତିଆରି ଲସି, ଖିର ପୋଡ଼, ଦହିବରା, ଲଡ୍ଡୁ ଆଦି ପ୍ରସ୍ତୁତ କରିଛନ୍ତି। ସଦସ୍ୟା ମିନତି ଯେନା କହିଛନ୍ତି, ଲୋକମାଲେ ଘରୋଇ ଖାଇବା ଦେଖି ଖୁସି ହେଉଛନ୍ତି ଓ ଖାଉଛନ୍ତି। ଅଧିକ ଗ୍ରାହକଙ୍କ ଭିଡ଼ ଯୋଗୁ ୭ଟା ଭିତରେ ସବୁ ଖାଦ୍ୟ ସାମଗ୍ରୀ ସରି ଯାଉଛି।

ମେଳାବୁଲିବାକୁ ଆସିଥିବା ଶୁଭଙ୍କର ଜେନା କୁହନ୍ତି, ତୋଷାଳିରେ ଅନେକ ସାମଗ୍ରୀ ପଡ଼ିଛି। ଅଫିସ ସମୟ ପରେ ଏଭଳି ଏକ ବିରାଟ ମେଳାକୁ ଉପଭୋଗ କରିବା ସତରେ ମଜା କିଛି ଅଲଗା। ବ୍ୟବସାୟୀମାନଙ୍କ ପାଇଁ ଏହା ପୁଣି ଆଶା ସଂଚାର କରିଛି। ସେହିପରି ପ୍ରଥମଥର ପାଇଁ ତୋଷାଳି ମେଳା ଆସି ବହୁତ ଖୁସି ଲାଗିଲା ବୋଲି କହିଛନ୍ତି ପାର୍ଥ ସାରଥୀ ମହାନ୍ତି। ବିଭିନ୍ନ ଅଞ୍ଚଳର ହସ୍ତତନ୍ତ ବା ହାତ ବୁଣା ଆସବା ପତ୍ର ସାଙ୍ଗକୁ ଡ୍ରେସ କିଣିଲି। ଅଧିକ ନିଆରା ଲାଗିଲା ମେଳାରେ ଥିବା ବିଭିନ୍ନ ଖାଦ୍ୟ। ବାରିପଦା ମୁଢି ମାଂସ ପାଖରୁ ଆରମ୍ଭ କରି ବିଭିନ୍ନ ପିଠା ଯାଏ। ସାଙ୍ଗମାନଙ୍କ ସହ ଖାଇଲି ଆଉ ପୁରା ମେଳା ବୁଲିବାର ମଜା ନେଲି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ(ଆଇସିସିଆର୍)ର ପ୍ରତିଷ୍ଠା ଦିବସ, ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଦ ଅର୍ଗାନିକ ଓଡ଼ିଶା' ଉନ୍ମୋଚନ ସମାରୋହ, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା ୧୫ ।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ଅଲ୍ ଓଡ଼ିଶା ଇଣ୍ଡିଆନ ବ୍ୟାଙ୍କ ଏମ୍ପ୍ଲୟିସ ୟୁନିୟନର ତ୍ରୈବାର୍ଷିକ ସମ୍ମିଳନୀ, କ୍ୟାମ୍ପସ ୭, ଅଡିଟୋରିୟମ, କିଟ୍ ୟୁନିଭରସିଟି, ଅପରାହ୍ନ ୫ଟା।

କଟକ

- ଭାରତୀୟ ଯୋଗ ସଂସ୍ଥାନର ୫୬ତମ ବାର୍ଷିକୋତ୍ସବ, ଜେ.ପି. ପାର୍କ, ସେକ୍ଟର-୬, ସିଡିଏ, ସକାଳ ୬ଟା ।
- ନ୍ୟାୟିକ ଅଧିକାରୀଙ୍କ ପାଇଁ ୪୦ ଘଣ୍ଟିଆ ମଧ୍ୟସ୍ଥତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୪୫ ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।

# 'ମୋ କାର୍ଯ୍ୟ ନୂଆ କଟକର ପରିଚୟ ଦେବ'

**ବସ୍ତି ଲୋକଙ୍କ ପାଇଁ ସେବା କରି ସେ ସେଠାକାର ବାସିନ୍ଦାଙ୍କ ପ୍ରିୟଭାଜନ ହୋଇଥିଲେ। ସମୟକ୍ରମେ ତାଙ୍କୁ ଶ୍ରମିକ ନେତାର ଆଖ୍ୟା ମିଳିଥିଲା। ପ୍ରତ୍ୟକ୍ଷ ରାଜନୀତିକୁ ପ୍ରବେଶ କରିବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶ୍ୱାସଭାଜନ ହେବା ପରେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ସଦ୍ୟ ସମାପ୍ତ ପୌର ନିର୍ବାଚନରେ କଟକ ମହାନଗର ନିଗମ ମେୟର ହେବା ତାଙ୍କୁ ନଗର ବିକାଶ ଲାଗି ଦେଇଛି ପର୍ଯ୍ୟାପ୍ତ ସୁଯୋଗ। ଏହି ଅବସରରେ ଧରିତ୍ରୀ ପକ୍ଷରୁ ତାଙ୍କ ସହ ବାର୍ତ୍ତାଲାପ...**


ସୁବାସ ସିଂ

**➦ ଶ୍ରମିକ ନେତାରୁ ମେୟର, ଏହି ଯାତ୍ରା କିପରି ଥିଲା?**

ମୁଁ ନିଷ୍ଠାର ସହ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରେ। କଟକର ସାମୂହିକ ଉନ୍ନତି ପାଇଁ ଦୀର୍ଘ ୪୦ ବର୍ଷ ଧରି ଏକ ନୂତନ ମାନଚିତ୍ର ଆଙ୍କିଥିଲି। ଏଥିପାଇଁ କଟକର ସବୁ ପ୍ରତିଷ୍ଠିତ ବ୍ୟକ୍ତି ଏହି ମାନଚିତ୍ରକୁ ଆଙ୍କିବାରେ ମିଳିତ ପ୍ରୟାସ କରିଛନ୍ତି। ଏହାର ମୁଁ ସଂଯୋଜକ ଥିଲି। ମୁଖ୍ୟମନ୍ତ୍ରୀ ସହରର ରୂପରେଖରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ମୋ ଉପରେ ଆସ୍ଥା ପ୍ରକଟ କରି ସିଏମ୍‌ସି ନିର୍ବାଚନ ଲଢିବାକୁ ସୁଯୋଗ ଦେଲେ। ୪୫ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ମୁଁ ବିଜୟୀ ହେଲି। ସହରବାସୀଙ୍କ ଭାବନାକୁ ବଦଳାଇବା ପାଇଁ ଉଦ୍ୟମ ଜାରି ରଖିବି।

**➦ ପ୍ରାଥମିକ ସ୍ତରରେ କେଉଁଠୁ କାର୍ଯ୍ୟ ଆରମ୍ଭ କରିବେ?**

ମଶା ଉପଦ୍ରବ ରୋକିବା ପାଇଁ ପ୍ରଥମ ଫୋକସ ରହିଛି। ମଶାମରା ଅଭିଯାନ ପାଇଁ ଆସନ୍ତା ୧୨ ତାରିଖରେ ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି। ଏହାପରେ ସହରରେ ପଙ୍କୋଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ।

**➦ ବିଜେଡି ସହ ଭାଜପା, କଂଗ୍ରେସ ଓ ସ୍ୱାଧୀନ କର୍ପୋରେଟର ରହିଛନ୍ତି, ସେମାନଙ୍କୁ ସାଙ୍ଗରେ ନେଇ କିପରି କାର୍ଯ୍ୟ କରିବେ?**

କଟକରେ ସେଭଳି କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଏଠି କେହି ଭାଜପା, କଂଗ୍ରେସ କିମ୍ବା ସ୍ୱାଧୀନରୁ ନୁହନ୍ତି। ଦଳ ମଧ୍ୟରେ କିଛି ସମସ୍ୟା ରହିପାରେ, ହେଲେ ସେ ସମସ୍ୟା ଏଠାରେ ଦେଖା ଯିବନାହିଁ। ସହରର ଉନ୍ନତି ପାଇଁ ଆମେ ଏକାଠି ହୋଇ କାର୍ଯ୍ୟ କରିବୁ।

**➦ ସିଲ୍‌ଭର ସିଟିକୁ ସ୍ମାର୍ଟ ସିଟିରେ ପରିବର୍ତ୍ତନ କରିବାର ଆଶା ରଖିଛନ୍ତି କି?**

ପ୍ରଥମତଃ କଟକ ବଦଳୁଛି। ନୂଆ ରୂପରେଖ ପାଇବାକୁ ଯାଉଛି। ଆଗାମୀ ଦିନକୁ ଅପେକ୍ଷା କରନ୍ତୁ କଟକ କ'ଣ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଏବଂ ମୁଁ କାର୍ଯ୍ୟରେ ବିଶ୍ୱାସ ରଖୁ। ମୋର ଏହି କାର୍ଯ୍ୟ ନୂଆ କଟକର ପରିଚୟ ଦେବ, ଯାହା କୌଣସି ସହର ସହ ତୁଳନା ଯୋଗ୍ୟ ହେବନାହିଁ।

**➦ ଆପଣଙ୍କ ପାଇଁ ଆହ୍ୱାନ କ'ଣ ରହିବ?**

ସହରରେ ଚାଲିଥିବା ୭ଟି ପ୍ରକଳ୍ପକୁ ପୂର୍ଣ୍ଣ କରିବା ମୋର ପ୍ରାରମ୍ଭିକ ଦାୟିତ୍ୱ। ବିଶ୍ୱସ୍ତରୀୟ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ତାଳଦଣ୍ଡା କେନାଲ, ବସ୍‌ଷ୍ଟାଣ୍ଡ, ଜାଇକା, ବକ୍ସଡ୍ରେନ, ରିଂରୋଡ-୬ ଲେନ୍ ଏବଂ ପେଟାନାଳ ଆଦି କାର୍ଯ୍ୟ ଶେଷ କରିବା ମୋ ପାଇଁ ଆହ୍ୱାନ ରହିଛି ।

–ରିପୋର୍ଟ: ସୁପ୍ରିୟା ପ୍ରିୟଦର୍ଶିନୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରିତା


@ ଅତୁଲ୍


@ ଦେବେଶ୍


@ ଜଗଦୀଶ


@ ଚିନ୍ମୟ


@ ରାକେଶ

# ଏଆଇସିସି ପକ୍ଷରୁ 'ସ୍ୱାଧୀନତା ଗୌରବ ଯାତ୍ରା'

ଭୁବନେଶ୍ୱର,୮।୪ (ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ନିଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏକ ୫୮ ଦିନିଆ 'ସ୍ୱାଧୀନତା ଗୌରବ ଯାତ୍ରା' ବୁଧବାର ଗୁଜରାଟର ସାବରମତି ଆଶ୍ରମରୁ ବାହାରିଛି। ଏହି ଯାତ୍ରା ଗୁଜରାଟ, ରାଜସ୍ଥାନ ଓ ହରିୟାନା ରାଜ୍ୟ ଦେଇ ଜୁନ ୧ତାରିଖ ଦିଲ୍ଲୀର ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ସମାଧିସ୍ଥଳ ବୀରଭୂମିଠାରେ ପହଞ୍ଚିବ। ଏହି ଯାତ୍ରାରେ ଭାରତର ବିଭିନ୍ନ ପ୍ରାନ୍ତରୁ ୭୫୦ଜଣ ସେବାଦଳ କର୍ମୀ ଯୋଗଦେଇଥିବା ବେଳେ ଓଡ଼ିଶାରୁ ୫ଜଣ ଟ୍ରେନିଂ ପ୍ରାପ୍ତ କର୍ମୀ ବିନୋଦିନ ଦୀପ, ସେକ ଚାନ୍ଦ ଉସ୍ମାନି, ପ୍ରସନ୍ନ ପାଇକରାୟ, ଝୁଲେନ୍ଦ୍ର ବାରିକ ଓ ରମେଶ ମଲ୍ଲିକ ଯୋଗ ଦେଇଛନ୍ତି। ଏ ନେଇ ପ୍ରଦେଶ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।



ବିଭିନ୍ନ ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ପଦବୀ ପୂରଣ, ସମସ୍ତ ଶ୍ରମିକ ସଂଘକୁ ପଞ୍ଜୀକରଣ କରିବା ସହ ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘର ସଦସ୍ୟମାନେ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ 'ନୃତ୍ୟାଞ୍ଜଳି'ରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଏଆଇସିସି ପକ୍ଷରୁ ଗୁଜରାଟର ସାବରମତି ଆଶ୍ରମରୁ ବାହାରିଥିବା 'ସ୍ୱାଧୀନତା ଗୌରବ ଯାତ୍ରା'ରେ ଓଡ଼ିଶାର ସେବାଦଳ କର୍ମୀ।

## ସଂକ୍ଷେପରେ

### ପ୍ରଶିକ୍ଷଣବେଳେ ହାତୀ ଆକ୍ରମଣ, ଯବାନ ଗୁରୁତର

**ବାରଙ୍ଗ,୮।୪(ଡି.ଏନ୍.ଏ.):** ଚନ୍ଦକା ଡମପଡା ଅଭୟାରଣ୍ୟରେ ଶୁକ୍ରବାର ଏସ୍ଓଜି ଯବାନଙ୍କ କୋମ୍ବିଂ ଅପରେଶନ ପ୍ରଶିକ୍ଷଣ ଚାଲିଥିଲା। ପିଠାଗାଡ଼ିଆ ଅଞ୍ଚଳରେ କରାଯାଇଥିବା କ୍ୟାମ୍ପରେ ୮୮ଜଣ ଯବାନ ରହିଥିଲେ। ଏହି ଯବାନମାନଙ୍କୁ କୋମ୍ବିଂ ଅପରେଶନ ପ୍ରଶିକ୍ଷଣ ଦିଆଯାଉଥିଲା। ଯବାନମାନେ ପ୍ରଶିକ୍ଷଣ ନେଉଥିବାବେଳେ ହଠାତ ଏକ ଜଙ୍ଗଲୀ ହାତୀ ଜଣେ ଯବାନଙ୍କ ସାମ୍ନାକୁ ପଳାଇଆସିଥିଲା । ଫଳରେ ହାତୀ ଆକ୍ରମଣରେ ଏହି ଯବାନଙ୍କ ହାତ ଓ ପାଦରେ କ୍ଷତ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ କିଛିଦୂରରେ ଥିବା ଅନ୍ୟ ଜଣେ ଯବାନ ଦେଖିବାପରେ ଅନ୍ୟମାନଙ୍କୁ ଖବର ଦେଇଥିଲେ। ଯବାନମାନେ ହାତୀକୁ ଘଉଡାଇବା ପରେ ହାତୀଟି ଜଙ୍ଗଲ ମଧ୍ୟକୁ ପଳାଇ ଯିବାପରେ ଗୁରୁତର ହୋଇଥିବା ଯବାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସ ଡାକ୍ତରଖାନାକୁ ପଠାଯାଇଛି।

### ଜଙ୍ଗଲ ମନ୍ତ୍ରୀଙ୍କ ନନ୍ଦନକାନନ ଗସ୍ତ




**ବାରଙ୍ଗ,୮।୪(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସନ୍ଧ୍ୟା ସମୟରେ ଅଚାନକ ଆସିଥିବାର ଦେଖାଯାଇଥିଲା। ମନ୍ତ୍ରୀଙ୍କ ଏହି ଅଚାନକ ଗସ୍ତ ସମୟରେ କୌଣସି ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ନ ଥିଲେ। କେବଳ ନନ୍ଦନକାନନ ଉପନିର୍ଦ୍ଦେଶକ ଓ ପର୍ଯ୍ୟଟକ ଏସିଏଫ ଉପସ୍ଥିତ ଥିଲେ। ପ୍ରାୟ ଦେଢଘଣ୍ଟାର ରହଣି ସମୟରେ ପ୍ରାଣୀ ଉଦ୍ୟାନ ଡାକ ବଙ୍ଗଳାରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ପରିଚାଳନାଗତ ତ୍ରୁଟି ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି। ନନ୍ଦନକାନନରେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି, ଖୁଆଡ଼ରେ ଖାଦ୍ୟାଭାବରୁ ମାଡଗୋଳ ହୋଇ ପଶୁପକ୍ଷୀଙ୍କ ମୃତ୍ୟୁ, ପର୍ଯ୍ୟଟକଙ୍କୁ ଶୋଷଣ ସହ ଖରାପ ବ୍ୟବହାର ଓ ମାଡ ମାରିବା ସହିତ ବୋଟିଂ ଟେଣ୍ଡରରେ ବିଳମ୍ବ ଆଦି ପ୍ରସଙ୍ଗ ଉଠିଥିବା ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ମନ୍ତ୍ରୀ ଆରୁଖ ପ୍ରାଣୀ ଉଦ୍ୟାନର ଡାକ ବଙ୍ଗଳାରେ ପ୍ରାୟ ଦେଢଘଣ୍ଟା କାଳ ରହିବା ପରେ କଟକ ଯାଇଥିବାର ସୂଚନା ମିଳିଛି।

### କପିଳେଶ୍ୱର ବିହାର ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୮।୪(ବ୍ୟୁରୋ):** ଭୁବନେଶ୍ୱର କପିଳେଶ୍ୱର ବିହାର ଉନ୍ନୟନ ପରିଷଦ, ପଳାଶୁଣୀର ୨୦୨୨-୨୪ ବର୍ଷ ପାଇଁ ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଓ ସଭ୍ୟ ନିର୍ବାଚନ ହୋଇଯାଇଛି। ଏଥିରେ ସୁରେଶ ଚନ୍ଦ୍ର ମହାପାତ୍ର ସଭାପତି, ଭରତଚନ୍ଦ୍ର ଦଳେଇ ଉପସଭାପତି, ହରେକୃଷ୍ଣ ତରାଇ ସାଧାରଣ ସମ୍ପାଦକ, ବ୍ରଜକିଶୋର ରାଉତ ସାଙ୍ଗଠନିକ ସମ୍ପାଦକ, ଧୀରେନ୍ଦ୍ର ମୋହନ ସାହୁ ସହ ସମ୍ପାଦକ, ଚିତ୍ତରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ, ଈଶ୍ୱରଚନ୍ଦ୍ର ମଲ୍ଲିକ ହିସାବ ନିରୀକ୍ଷକ ଭାବେ ଚୟନ ହୋଇଛନ୍ତି। ପରିଚାଳନା କମିଟିର ମୁଖ୍ୟ ପରାମର୍ଶଦାତା ରତ୍ନାକର ସିଂହ ଓ ସଭ୍ୟ ସୁଚିତ୍ରା ସାମଲ, ନୀତା ଓଝା, କିଶୋର ଚନ୍ଦ୍ର ଘୋଷ, ସଂଗ୍ରାମ କେଶରୀ ଦାସ, ଭାଗୀରଥି ମିଶ୍ର, ସୁକାନ୍ତ କୁମାର ମହାପାତ୍ର ଓ ଅଭୟ କୁମାର ନାୟକଙ୍କୁ ନିର୍ବାଚିତ କରାଯାଇଛି।




କମିଶନରେଟ୍ ପୋଲିସ ପକ୍ଷରୁ ଗିରଫ ହୋଇଥିବା ବାଇକ୍ ଚୋରି ଅଭିଯୁକ୍ତ ଓ ଜବତ ହୋଇଥିବା ଚୋରି ଗାଡ଼ିକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମାଲିକଙ୍କୁ ହସ୍ତାନ୍ତର କରୁଛନ୍ତି।

# ୩୦ ଚୋରି ବାଇକ୍ ଜବତ, ୮ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ ଯାଁଳା, ୮।୪ (ଡି.ଏନ୍.ଏ.)**

- ଭୁବନେଶ୍ୱରରୁ ସର୍ବାଧିକ ୨୮, ଗଞ୍ଜାମରୁ ୨
- ମାଲିକଙ୍କୁ ଗାଡ଼ି ହସ୍ତାନ୍ତର କଲା କମିଶନରେଟ ପୋଲିସ

ରାଜ୍ୟରେ ସକ୍ରିୟ ଥିବା ଏକ ବଡ଼ ବାଇକ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ର୍ୟାକେଟରେ ସମ୍ପୃକ୍ତ ୬ଜଣ ଲୁଟେରା ଓ ୨ ଗ୍ରାହକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲାର ପ୍ରଦୀପ ପାଇକରାୟ (୨୨), ଆକାଶ ବେହେରା (୨୦), ବାଦାଲ ବେହେରା (୨୨) ଓ ଜୟ ବେହେରା (୧୯) ଏବଂ ଖୋର୍ଦ୍ଧା ଜିଲାର ସମରକ ଶତପଥୀ (୨୦) ଓ ଶ୍ରୀନିବାସ ମହାନ୍ତି (୨୪)। ତେବେ ସେମାନଙ୍କଠାରୁ ଚୋରି ବାଇକ୍ କିଣି ଗିରଫ ହୋଇଥିବା ୨ଜଣେ ହେଲେ ଗଞ୍ଜାମର ମିଥୁନ ବିଶୋଇ (୨୮) ଓ ଅମିନ ସାହୁ (୨୯)। ଏମାନଙ୍କଠାରୁ ମୋଟ ୩୦ ଚୋରା ବାଇକ ଜବତ ହୋଇଛି। ଏଥିରୁ ଭୁବନେଶ୍ୱରରୁ ୨୬ ବାଇକ୍ ରହିଥିବାବେଳେ ଗଞ୍ଜାମର ୪ଟି ରହିଛି। ଅଭିଯୁକ୍ତମାନେ ବହୁ କମ୍ ସମୟରେ ଗୋଟିଏ ଅଞ୍ଚଳରୁ ୪ଟି ବାଇକ ଚୋରି କରିଥିବା ସିସିଟିଭିରେ କଏଦ ହୋଇଛି। ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ଲାଗି କମିଶନରେଟ ପୋଲିସ ଉଦ୍ୟମ ଜାରି ରଖିଛି। ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ମୋଟରସାଇକେଲ ଫେରସ୍ତ ମେଳାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ଜବତ ୩୦ ଚୋରା ମୋଟରସାଇକେଲ ମଧ୍ୟରୁ ୧୫ ଗାଡିକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରାଯାଇଥିଲା। ଚାବି ହସ୍ତାନ୍ତରବେଳେ ସମ୍ପୃକ୍ତ ଗାଡି ମାଲିକ କମିଶନରେଟ ପୋଲିସକୁ ଧନ୍ୟବାଦ ଜଣାଇଥିଲେ। ଏହି ମୋଟରସାଇକେଲ ଫେରସ୍ତ ମେଳାରେ ଅତିରିକ୍ତ ପୋଲିସ କମିଶନର ନୀତିଶେଖର, ଡିସିପି ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ରାଜଧାନୀରେ ଗାଡି ଲୁଟ୍ ଓ ଚୋରି ବଢ଼ି ଚାଲିଛି। ଗାଡ଼ି ଚୋରମାନେ ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ସବୁଠି ଉତ୍ପାତ କରୁଛନ୍ତି। ବିଶେଷକରି ଭୁବନେଶ୍ୱରର ଇନ୍‌ଫୋଭ୍ୟାଲି, ଭରତପୁର, ମଞ୍ଚେଶ୍ୱର, ଜଟଣୀ ଅଞ୍ଚଳରୁ ବାରମ୍ବାର ବାଇକ୍ ଚୋରି ହେଉଥିଲା। ମାର୍ଚ୍ଚରେ ଇନ୍‌ଫୋଭ୍ୟାଲି ଓ ଭରତପୁର ଥାନାରେ ସର୍ବାଧିକ ବାଇକ୍ ଚୋରି ମାମଲା ରୁଜୁ ହୋଇଥିଲା। ଏହାପରେ ସମ୍ପୃକ୍ତ ଗ୍ୟାଙ୍ଗ୍‌କୁ ଧରିବାକୁ କମିଶନରେଟ ପୋଲିସ ପକ୍ଷରୁ ବଡ଼ ଅଭିଯାନ ଆରମ୍ଭ ହୋଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏଥିସହ ସମସ୍ତ ଚୋରା ଗାଡି ମାମଲାରେ ସ୍ପେଶାଲ ସ୍କ୍ୱାଡ୍‌କୁ ତଦନ୍ତରେ ସାହାଯ୍ୟ କରିବା ପାଇଁ ଭରତପୁର, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର ଥାନାର ପିଓପିଡି ଓ ଟିମ୍-୬୦କୁ ନିଯୁକ୍ତ କରାଯାଇଥିଲା। ଫଳରେ ପୋଲିସ ଏହି ବଡ ଧରଣର ବାଇକ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲା।

# ଓଲଟିଲା ମିନି ବସ୍, ୩୦ରୁ ଊର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

**ରାଜଧାନୀରେ ଆଉ ଏକ ଦୁର୍ଘଟଣା**

ଭୁବନେଶ୍ୱର ଜୟଦେବ ବିହାର ଓଭର ବ୍ରିଜ୍ ତଳେ ଶୁକ୍ରବାର ବସ୍ ଦୁର୍ଘଟଣା ଘଟିଛି। ଏକ ମିନି ବସ୍ ଡିଭାଇଡରକୁ ଧକ୍କା ଦେଇ ରାସ୍ତାରେ ଓଲଟି ପଡିବାରୁ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକାଂଶ ଘରକୁ ଫେରିଥିବା ଜଣାପଡିଛି। ସୂଚନାନୁସାରେ, ଶୁକ୍ରବାର ସକାଳ ୭ଟାରୁ ୭ଟା ୩୦ ମଧ୍ୟରେ ଓଆର୍୦୨ଏଟି୧୬୬୮ ନମ୍ବର ବିଶିଷ୍ଟ ମିନି ବସ୍‌ଟି ନୟାପଲ୍ଲୀରୁ ଶ୍ରମିକଙ୍କୁ ନେଇ ପଟିଆ ଯାଉଥିଲା। ତେବେ ବେଗ ଅଧିକ ଥିବାରୁ ଜୟଦେବ ବିହାର ଛକରେ ବସ୍‌ଟିକୁ ବୁଲାଇବାବେଳେ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ପ୍ରଥମେ ବସ୍‌ଟି ଗୋଟିଏ ପାର୍ଶ୍ୱକୁ ଢ଼ଳି ରହି କିଛିବାଟ ଗଡିଥିଲା। ଏହି ସମୟରେ ବସ୍‌ରୁ ୧୦ରୁ ୧୫ ଶ୍ରମିକ ଡେଇଁ ପଡିଥିଲେ। ପରେ ଉକ୍ତ ବସ୍‌ଟି ଡିଭାଇଡରରେ ପିଟି ହୋଇଯିବା ପରେ ଓଲଟି ପଡିଥିଲା। ଫଳରେ ଡେଇଁ ପଡିଥିବା ଓ ବସ୍‌ରେ ରହିଥିବା ଅନ୍ୟ ଶ୍ରମିକମାନେ ଆହତ ହୋଇଥିଲେ। ନିକଟରେ ଥିବା ଅଟୋ ଚାଳକମାନେ ତୁରନ୍ତ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆଉ କେତେଜଣ ଆହତଙ୍କୁ ହସ୍ପିଟାଲ ପଠାଇଥିଲା। ସକାଳ ସମୟ ହୋଇଥିବାରୁ ରାସ୍ତାରେ ଗାଡି ଚଳାଚଳ କମ୍ ରହିଥିଲା। ଫଳରେ ବଡ଼ଧରଣର ଦୁର୍ଘଟଣା ଟଳି ଯାଇଥିଲା। ସକାଳ ପ୍ରାୟ ୮ଟାରେ ଟ୍ରାଫିକ୍ ପୋଲିସ ପହଞ୍ଚି ବସ୍‌ଟିକୁ କ୍ରେନ ସହାୟତରେ ରାସ୍ତାରୁ ହଟାଇବା ପରେ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।



ଜୟଦେବ ବିହାର ଛକ ନିକଟରେ ଓଲଟି ପଡ଼ିଥିବା ବସ୍।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୮।୪**

ଚିକିତ୍ସାରେ ଅବହେଳା ଓ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁ ଜଣେ ନବଜାତ ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି ବୋଲି ଶୁକ୍ରବାର ପରିବାର ଲୋକେ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଜଙ୍କିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ଗ୍ରାମର ଜିତେନ୍ଦ୍ର କହଲସିଂ ତାଙ୍କ ସ୍ତ୍ରୀଙ୍କୁ ପ୍ରସବ ପାଇଁ ଖୋର୍ଦ୍ଧାର ଏକ ମେଡିକାଲକୁ ନେଇଥିଲେ। ସେଠାରେ ଥିବା ମେଡିକାଲର ଜଣେ କର୍ମଚାରୀ ଓ ଡାକ୍ତର ନିଜ କ୍ଲିନିକରେ ଚିକିତ୍ସା କରାଇବା ଲାଗି ଜିତେନ୍ଦ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଜିତେନ୍ଦ୍ର ସ୍ତ୍ରୀ ରିଙ୍କିଙ୍କୁ ଧରି ଉକ୍ତ କ୍ଲିନିକକୁ ଯାଇଥିଲେ। ଏହା ପରେ ତାଙ୍କ ରିଙ୍କି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହା ପରେ ସମ୍ପୃକ୍ତ ଡାକ୍ତର ଜଣଙ୍କ ଜିତେନ୍ଦ୍ରଙ୍କୁ ୧ଲକ୍ଷ ଟଙ୍କା ଜମା କରିବା ପାଇଁ କହିଥିଲେ। ମାତ୍ର ଜିତେନ୍ଦ୍ର ୫୦ହଜାର ଟଙ୍କା ଜମା କରିଥିବା କହିଥିଲେ। ଏଥିରେ ଡାକ୍ତର ଜଣଙ୍କ ରାଗିଯାଇ ସକାଳ ସୁଦ୍ଧା ଟଙ୍କା ଡିପୋଜିଟ କରିବା ପାଇଁ କହିଥିଲେ। ତେବେ ସକାଳେ ଇଞ୍ଜେକ୍ସନ ଓ ଔଷଧ ପାଇଁ ୫ ହଜାର ଟଙ୍କା ଦେବା ପରେ ପୁଅକୁ ଦେଖିବା ଲାଗି ଜିତେନ୍ଦ୍ର କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ସନ୍ଧ୍ୟା ୬ଟା ରେ ପୁଅ ଦେହ ଗୁରୁତର ଥିବା କହିଥିଲେ। କିଛି ସମୟ ପରେ ପୁଅ ମରିଯାଇଥିବା କହିବା ସହ ବାକି ଟଙ୍କା ମାଗିଥିଲେ। ମୃତ୍ୟୁର କାରଣ ପଚାରିବାରୁ ଗାଳି କରିବା ସହ ବାକି ଟଙ୍କା ନ ଦେଲେ ମୃତ ଶିଶୁକୁ ଦେବୁ ନାହିଁ ବୋଲି କହିଥିଲେ ବୋଲି ଜିତେନ୍ଦ୍ର ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପୁଣି ନିରଞ୍ଜନଙ୍କୁ ଟାର୍ଗେଟ କଲେ ତାରା

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳର ଦୁର୍ବଳ ପ୍ରଦର୍ଶନ ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ବାରମ୍ବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟୀ କରିଆସୁଛନ୍ତି। ପିସିସି ସଭାପତି ପରିବର୍ତ୍ତନ କରି କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ଜଣେ କେହି ସଭାପତି ହୁଅନ୍ତୁ ବୋଲି ଦାବି ରଖିଥିବାବେଳେ ଶୁକ୍ରବାର ପୁଣି ସେହି କଥା ଦୋହରାଇଛନ୍ତି। ସେ କହିଛନ୍ତି, ବିଧାୟକଙ୍କ ମଧ୍ୟରୁ ଯିଏବି ସଭାପତି ହୁଅନ୍ତୁ ଆମର ସହମତି ରହିବ। ଏହା ହିଁ ଆମର ଦାବି ବୋଲି ତାରା କହିଛନ୍ତି। ଏହାକୁ ସମର୍ଥନ ଜଣାଇ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଯାହାକୁ ବି ପିସିସି ସଭାପତି କରାଯାଉଛି କରାଯାଉ। ସମସ୍ତେ ତାଙ୍କୁ ମାନୁଥିବା ଏବଂ ସେ ସମସ୍ତଙ୍କ ନେତୃତ୍ୱ ନେଇପାରୁଥିବା ଦରକାର ବୋଲି କହିଛନ୍ତି।

# ୧୨ରୁ ଓଡ଼ିଆ ମହୋତ୍ସବ

**ଭୁବନେଶ୍ୱର,୮।୪(ବ୍ୟୁରୋ)**

ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଓଡ଼ିଆ ମହୋତ୍ସବ ଆସନ୍ତା ୧୨ତାରିଖରୁ ଆରମ୍ଭ ହେବ। ଏହା ଏପ୍ରିଲ ୧୨, ୧୩ ଓ ୧୪ ପ୍ରତ୍ୟହ ସନ୍ଧ୍ୟା ୬ଟାରେ ଏକାମ୍ର ହାଟଠାରେ ଅନୁଷ୍ଠିତ ହେବ। ଏଥିସହ ଚାଲିଥିବା ଓଡ଼ିଆଣୀ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ ଅବସରରେ ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ପରିଜା ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଓଡ଼ିଆ ପ୍ରଥା, ପରମ୍ପରା, ପରିଚୟ, ଭାଷା ଓ ସଂସ୍କୃତି ଆଧାରିତ ଏହି ନିଆରା ଉତ୍ସବ ସପ୍ତଦଶ ବର୍ଷରେ ପହଞ୍ଚିଛି। ଏହି ଉଦ୍ଦେଶ୍ୟରେ ମହୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଭାବେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ହୋଇଥାଏ। ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ତଥା ଅସ୍ମିତାର ସୁରକ୍ଷା ଓ ସମ୍ପ୍ରସାରଣ ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବ ଚଳିତ ବର୍ଷ ବିଶ୍ୱ ମାତୃଭାଷା ଦିବସରୁ ଆରମ୍ଭ ହେବା ସହ ଓଡ଼ିଆ ମହୋତ୍ସବରେ ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ମଧ୍ୟ ହୋଇଛି। ଏହି ଅବସରରେ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ ଘୋଷଣା କରାଯାଇଥିଲା। ଓଡ଼ିଆ ଭାଷାର ପୁରାତନ ଚଳଚ୍ଚିତ୍ରର ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଅଭିଯାନରତ ଚଳଚ୍ଚିତ୍ର ଓ ସଂସ୍କୃତି ସମୀକ୍ଷକ ସୂର୍ଯ୍ୟ ଦେଓ, ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା, ସଂସ୍କୃତି ସୁରକ୍ଷା ପାଇଁ ଉଦ୍ୟମରତ କାର୍ତ୍ତିକ କୁମାର ପରିଚ୍ଛା, ଓଡ଼ିଆ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ତଥା ଗବେଷଣା ପାଇଁ ଅରୁଣ କୁମାର ନାୟକଙ୍କୁ ଓଡ଼ିଆ ମହୋତ୍ସବ ସମ୍ମାନ-୨୦୨୨ରେ ଓଡ଼ିଆ ନୂଆବର୍ଷ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବ। ସମ୍ମିଳନୀରେ ସଂଗୀତ ଶିଳ୍ପୀ ଛନ୍ଦା ମିଶ୍ର, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବୁଷ୍ଟର ଡୋଜ୍ ମାଗଣା ଦେବାକୁ ଦାବି

**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ଆସନ୍ତା ୧୦ ତାରିଖ ରବିବାରଠାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ବୁଷ୍ଟର ଡୋଜ୍ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାର ସ୍ୱାସ୍ଥ୍ୟକର୍ମୀ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ କୋଭିଡ୍ ସମ୍ମୁଖ ଯୋଦ୍ଧାଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଦେଉଥିବା ବେଳେ ୧୮ ରୁ ୬୦ ବର୍ଷ ତଳକୁ ଯୋଗ୍ୟ ଉପଭୋକ୍ତାଙ୍କୁ ଟଙ୍କା ଦେଇ ବୁଷ୍ଟରଡୋଜ୍ ନେବାକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ଏ ନେଇ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ସମସ୍ତ ଯୋଗ୍ୟ ବୁଷ୍ଟର ଡୋଜ୍ ଉପଭୋକ୍ତାଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଟିକା ଦେବାପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ସ୍ୱାଧୀନ କର୍ପୋରେଟର ବିଜେଡିରେ ସାମିଲ



**ଭୁବନେଶ୍ୱର,୮।୪ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୧୩ ନଂ. ୱାର୍ଡର ସ୍ୱାଧୀନ କର୍ପୋରେଟର ଇତିଶ୍ରୀ ଦାସ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଉତ୍ତର ଭୁବନେଶ୍ୱର ବିଧାୟକ ତଥା ଜିଲା ସଭାପତି ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତିରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ୧୩ ନମ୍ବର ୱାର୍ଡର ଉନ୍ନତି ଦିଗରେ ସମସ୍ତ ବାସିନ୍ଦା ଓ କର୍ମୀ ଏବଂ ବିଧାୟକଙ୍କ ସହଯୋଗରେ ଏକ ଆଦର୍ଶ ୱାର୍ଡରେ ପରିଣତ କରିବା ପାଇଁ କର୍ପୋରେଟର ଇତିଶ୍ରୀ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି।

# ଆଜି ଡେପୁଟି ମେୟରଙ୍କ ନାମ ଘୋଷଣା

**ଭୁବନେଶ୍ୱର,୮।୪(ବ୍ୟୁରୋ)**

**ଶପଥ ନେବେ ମେୟର, ନବନିର୍ବାଚିତ କର୍ପୋରେଟର**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପରେ ସହର ତା'ର ପ୍ରଥମ ମହିଳା ମେୟର ଏବଂ ୬୭ଜଣ କର୍ପୋରେଟରଙ୍କୁ ବାଛି ସାରିଛି। ଏବେ କେବଳ ସହର ପାଇଁ ଡେପୁଟି ମେୟର ଚୟନ କରାଯିବ। ଶନିବାର ମେୟର ସୁଲୋଚନା ଦାସ ଏବଂ ସମସ୍ତ କର୍ପୋରେଟର ଶପଥ ଗ୍ରହଣ କରିବା ସହ ଦାୟିତ୍ୱ ନେବେ। ବିଏମ୍‌ସି ମୁଖ୍ୟାଳୟରେ ଏହି ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହେବ। ଏହି ଅବସରରେ ସେଠାରେ ଡେପୁଟି ମେୟର ଘୋଷଣା କରାଯିବ। ୬୭ଟି ୱାର୍ଡରୁ ବିଜେଡି ଖାତାକୁ ୪୮ଟି ୱାର୍ଡ ଯାଇଥିବାବେଳେ ୩ଜଣ ସ୍ୱାଧୀନ କର୍ପୋରେଟର ଦଳରେ ସାମିଲ ହୋଇସାରିଛନ୍ତି। ଫଳରେ ବିଜେଡି ଏବେ ୫୧ଜଣ କର୍ପୋରେଟରଙ୍କୁ ନେଇ ସହର ଚଳାଇବ। ସଂଖ୍ୟା ଗରିଷ୍ଠତା କାରଣରୁ ଡେପୁଟି ମେୟର ପଦବୀ ମଧ୍ୟ ବିଜେଡିକୁ ଯିବ। ଡେପୁଟି ମେୟର ପଦକୁ ନେଇ ଆଶାୟୀଙ୍କ ସଂଖ୍ୟା ମଧ୍ୟ ଏକାଧିକ ରହିଛି। ଦଳ ଏହି ପଦ ମହିଳା କି ପୁରୁଷଙ୍କୁ ଦେବ ତାହା ମଧ୍ୟ ଅନିଶ୍ଚିତତା ଭିତରେ ରହିଛି।

ଚଳିତ ନିର୍ବାଚନରେ ବ୍ରହ୍ମପୁର ମହାନଗର ନିଗମ ଏବଂ ଭୁବନେଶ୍ୱର ମହାନଗର ନିଗମର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ସେହିପରି କଟକ ମହାନଗର ନିଗମ ପଦବୀ ଅଣସଂରକ୍ଷିତ ରହିଥିବାରୁ ସେଠାରେ ସୁବାସ ସିଂଙ୍କୁ ମେୟର ପ୍ରାର୍ଥୀ ଭାବେ ଦଳ ଘୋଷଣା କରିଥିଲା। ୩ଟି ମହାନଗର ନିଗମର ମେୟର ପଦ ବିଜେଡି ହାତକୁ ଯାଇଛି। ବୁଧବାର କଟକ ଡେପୁଟି ମେୟର ଭାବେ ଦମୟନ୍ତୀ ମାଝିଙ୍କୁ ନିର୍ବାଚିତ କରାଯାଇଥିବାବେଳେ ବ୍ରହ୍ମପୁରରେ ଇ. ବିବେକ ରେଡ୍ଡିଙ୍କୁ ଡେପୁଟି ମେୟର କରାଯାଇଛି। କଟକରେ ପୁରୁଷ ମେୟର ଥିବାବେଳେ ଡେପୁଟି ମେୟର ଭାବେ ମହିଳାଙ୍କୁ ଚୟନ କରାଯାଇଛି। ଠିକ୍ ସେହିପରି ବ୍ରହ୍ମପୁରରେ ମହିଳା ମେୟର ଥିବାବେଳେ ସେଠାରେ ଜଣେ ପୁରୁଷଙ୍କୁ ଡେପୁଟି ମେୟର କରାଯାଇଛି। ବିଏମ୍‌ସିରେ ମଧ୍ୟ ସୁଲୋଚନା ଦାସ ଅର୍ଥାତ୍ ମହିଳା ମେୟର ରହିଥିବାରୁ ଏଠାରେ ପୁରୁଷଙ୍କୁ ଡେପୁଟି ମେୟର କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରେସ୍‌ରେ ୫୯ ନଂ. ୱାର୍ଡର କର୍ପୋରେଟର ବିରଞ୍ଚିନାରାୟଣ ମହାସୁପକାର, ୪୫ ନଂ. ୱାର୍ଡର ଅମରେଶ ଜେନାଙ୍କ ସହିତ ୮ନଂ. ୱାର୍ଡର କର୍ପୋରେଟର ଲାଲ୍‌ମୋହନ ଗୁଡୁଙ୍କ ନାମରେ ଚର୍ଚ୍ଚା ଜୋର୍ ଧରିଛି। କଟକ ପରି ଏଠାରେ ମଧ୍ୟ ଦଳ ଆଦିବାସୀ କାର୍ଡ ଖେଳିବ ବୋଲି ସୂଚନା ମିଳିଛି। ତେବେ ବାସ୍ତବରେ ଦଳ କାହାକୁ ଡେପୁଟି ମେୟର କରିବ ତାହା ଶନିବାର ହିଁ ଜଣାପଡିବ।

## ହାଟ ଉଚ୍ଛେଦରୁ ଉତ୍ତେଜନା





ବିଡିଏ ପକ୍ଷରୁ ଶୁକ୍ରବାର ଉଚ୍ଛେଦ ପରେ ଝାରପଡ଼ା ଗଣେଶ ମଣ୍ଡପ ହାଟର ଦୃଶ୍ୟ। ଉଚ୍ଛେଦକୁ ବିରୋଧ କରି ସ୍ଥାନୀୟ ଓଭରବ୍ରିଜ ନିକଟରେ ରାସ୍ତା ଅବରୋଧ କରିଥିବା ବ୍ୟବସାୟୀ, ଭାଜପା ନେତା ଓ କର୍ମୀ। ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

**ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ**
ପୁରୀ ଅଫିସ, ନରେନ୍ଦ୍ରକୋଣ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ମାସ ୨୮ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୪୨୭ଜଣ ଛାତ୍ରୀ ଭାଗନେଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଅଧକ୍ଷ ଡ. ବିଶ୍ୱନାଥ ବଳିୟାରସିଂ, ଅଧାପକ ସୁକାନ୍ତ ମହାନ୍ତ, ସଂଯୋଜକ କମଳ ଲୋଚନ ପ୍ରଧାନ, କ୍ରୀଡ଼ା ଶିକ୍ଷକ ସରୋଜ ରଣସିଂ ଏବଂ ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ହଂସିତା ପ୍ରଧାନ ଓ ସ୍ୱାଗତିକା ପାତ୍ର ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।

# ମେ ୯ରୁ ଜିଲାରେ ଧାନ ସଂଗ୍ରହ

**ପୁରୀ ଅଫିସ, ୮।୪:**

ରବିଋତୁ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ଅତିରିକ୍ତ ଜିଲାପାଳ ସୁଭାଷଚନ୍ଦ୍ର ନାଥଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ରବିଋତୁରେ ଏପର୍ଯ୍ୟନ୍ତ ୧୪ ହଜାର ୭୧୭ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬୪୨୦ ଜଣ ନୂତନ ଭାବେ ଓ ୮୨୯୭ ଜଣ ନବୀକରଣ ନିମନ୍ତେ ନାମ ପଞ୍ଜୀକୃତ ହୋଇଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ଦୁଇ ଦିନ ବାକି ଥିବାରୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା ରଖାଯାଇଛି। ଗତବର୍ଷ ୧୨ ହଜାର ୮୬୦ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଚାଷୀଙ୍କଠାରୁ ଧାନ କିଣିବା ନିମନ୍ତେ ୧୦୧ଟି ପ୍ରାଥମିକ ସେବା ସମବାୟ ସମିତି ଓ ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ। ଗତ ବର୍ଷ ୩୫ ହଜାର ୫୫୬ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ଋତୁରେ ଅଧିକ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ କେବଳ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ଆସନ୍ତା ମେ ୯ ତାରିଖରୁ ବ୍ରହ୍ମଗିରି ଓ କଣାସ ବ୍ଲକ୍ ଏବଂ ୧୬ ତାରିଖରୁ ଅନ୍ୟ ବ୍ଲକ୍‌ଗୁଡ଼ିକରୁ ଧାନ ସଂଗ୍ରହ କରିବାକୁ ବୈଠକରେ ଆଲୋଚନା ହୋଇଛି। ଏଫ୍ଏକ୍ୟୁ ତଥା ବିକ୍ରୟଯୋଗ୍ୟ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଓ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ସଂଗ୍ରହ କରାଯିବ। ଧାନ ସଂଗ୍ରହ ନିମନ୍ତେ ବିଭିନ୍ନ ସୋସାଇଟି ଓ ନିୟନ୍ତ୍ରିତ ବଜାର କମିଟିକୁ ଦାୟିତ୍ୱ ଦିଆଯିବ ଏବଂ ନୋଡାଲ୍ ଅଧିକାରୀ ନିଯୁକ୍ତ ହେବେ ବୋଲି ଅତିରିକ୍ତ ଜିଲାପାଳ ନାଥଶର୍ମା କହିଛନ୍ତି। ସେହିଭଳି ଅଦିନିଆ ବର୍ଷାରୁ ରକ୍ଷା ପାଇବା ପାଇଁ ପଲିଥିନ୍ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯିବ। ଧାନ ସଂଗ୍ରହରେ କୌଣସି ସମସ୍ୟା ଥିଲେ ଚାଷୀମାନେ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରୁ ଟୋଲ ଫ୍ରି ନମ୍ବର ୧୯୬୭ ସହ ଯୋଗାଯୋଗ କରିପାରିବେ। ବୈଠକରେ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା, କୃଷି ସମବାୟ ସମିତି ସମ୍ପାଦକ, ମିଲର, ବିଧାୟକମାନଙ୍କ ପ୍ରତିନିଧି ଏବଂ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ ।



୮।୪।୨୦୨୨

| | |
|---|---|
| ୩,୧୮,୭୦୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୪.୯୦୦ ଗ୍ରାମ |

## ସଂକ୍ଷେପରେ

### ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଶିବିର

ପୁରୀ ଅଫିସ, ୮।୪: ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଏକ ସ୍ୱଚ୍ଛତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଜଗବନ୍ଧୁ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ୱଚ୍ଛତା ଆକ୍ସନ ପ୍ଲାନ ଅଧୀନରେ ହେଉଥିବାବେଳେ ୧୦୦ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ମାଧ୍ୟମରେ ସ୍ୱେଚ୍ଛାସେବୀଗଣ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିବେ ବୋଲି ଡ. ମିଶ୍ର ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇ କହିଥିଲେ, ସେବାଭାବ ଯଦି ଆଧାତ୍ମିକତା ସହିତ ଯୋଡ଼ି ହୁଏ, ତେବେ ଦିବ୍ୟ ଆନନ୍ଦ ମିଳିପାରିବ। ବିଶିଷ୍ଟ ଅତିଥି ଭାବେ ଖୋର୍ଦ୍ଧା ଜିଲାର ଜାତୀୟ ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଡ. ଜୟଶ୍ରୀ ବାଳା ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ବିସ୍ମିତା ମିଶ୍ର, ବିମଳ ଚନ୍ଦ୍ର ପରିଡା, ଡ. ରବିଶଙ୍କର ମିଶ୍ର, କେଦାର ମେହେର, ଡ. ସଂଘମିତ୍ରା ସ୍ୱାଇଁ ଏବଂ ସୌମିତ୍ରୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅଧାପକ ପ୍ରକାଶ ଶତପଥୀ ଧନ୍ୟବାଦ ଦେଇଥିଲେ।

### ନାରୀ ସୁରକ୍ଷା ଦ୍ୱାରା ସମାଜର ଉପକାର ହୁଏ

ସାକ୍ଷୀଗୋପାଳ,୮।୪(ସ୍ୱ.ପ୍ର./ଡି.ଏନ୍.ଏ.): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଶିକ୍ଷା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇଥିଲେ। ୮ ଦିନ ଧରି ପ୍ରଶିକ୍ଷିକା ପାର୍ବତୀ ମହାରଣାଙ୍କ ଦ୍ୱାରା ୧୫୦ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ନାରୀର ସୁରକ୍ଷା ହେଲେ ସମାଜର ପ୍ରକୃତ ଉପକାର ହୋଇଥାଏ ବୋଲି ଅତିଥି କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।


ପୁରୀ ସହରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ନୂତନ ରାମମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ ।

## ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଚୁକ୍ତି

**ପୁରୀ ଅଫିସ, ୮।୪:**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ତଥ୍ୟ ଓ ମାନବୀୟ ଲୀଳାର ପ୍ରଚାର ପ୍ରସାର ସହ ଶ୍ରୀଜଗନ୍ନାଥ ଚେତନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଦ୍ୱତ୍ ପରିଷଦ ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ହରିହର ହୋତା ଏବଂ ଉତ୍କଳ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ କୁମାର ରଥ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ପ୍ରତ୍ୟେକ ମାସର ଗୋଟିଏ ଦିନ ବିଶ୍ୱବିଦ୍ୟାଳୟ ସଭାଗୃହରେ ଅଧାପିକା, ଅଧାପିକା, କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ ପରିଷଦର ବିଦ୍ୱାନମାନେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ଦେବା ସହ ପ୍ରଶ୍ନୋତ୍ତର ମାଧ୍ୟମରେ ଶଙ୍କାର ସମାଧାନ କରିବେ। ବିଶ୍ୱବିଦ୍ୟାଳୟ କେବଳ ଭିତ୍ତିଭୂମି ସହଯୋଗ କରିବ ଏବଂ ଅନ୍ୟ ସମସ୍ତ ଖର୍ଚ୍ଚ ଉତ୍କଳ ବିଦ୍ୱତ୍ ପରିଷଦ ବହନ କରିବ ବୋଲି ବୁଝାମଣା ପତ୍ରରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସଂସ୍କୃତ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦକ୍ଷତା ବିକାଶ କରିବାର ଯୋଜନା ରହିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଧରଣୀଧର ଜେନା, ବିତ୍ତ ନିୟନ୍ତ୍ରକ ଶ୍ୟାମ ହେମ୍ବ୍ରମ, ସେକ୍ସନ୍ ଅଫିସର ଶରତ ବେହେରା ଏବଂ ସୁଭଦ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରିଷଦର ଅନ୍ୟତମ ଉପଦେଷ୍ଟା ମହନ୍ତ ରାମଚରଣ ଦାସ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା, ପରିଷଦର ସଚିବ ବିଜୟକୃଷ୍ଣ ବ୍ରହ୍ମା ଏବଂ କୋଷାଧକ୍ଷ କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍କଶ୍ରୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଓ ସଂକୀର୍ତ୍ତନ

**କୋଣାର୍କ,୮।୪(ଡି.ଏନ୍.ଏ.):**

କୋଣାର୍କ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଉତ୍ସବ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଯାଦବ ମହାସଂଘ ସଭାପତି ଗୋପାଳ ବେହେରା, ସାମାଜିକ କର୍ମୀ ରାଜକିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର କଳା ସଂସ୍କୃତି ଭଳି କାର୍ଯ୍ୟକ୍ରମରେ ସହଯୋଗ କରିବା ଗର୍ବର କଥା ବୋଲି ମନ୍ତ୍ରୀ ବେହେରା କହିଥିଲେ। ଏହି ପରିପ୍ରେକ୍ଷୀରେ ମୂଳିସାହି ଓ ବେଦପୁର ଗ୍ରାମର ମହିଳା ସଂଗଠନ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ପରେ ନବନିର୍ବାଚିତ ଅଧକ୍ଷା, ଉପାଧକ୍ଷ, କାଉନସିଲରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଅର୍କଶ୍ରୀ ସଂଗଠନର ସୁରେଶ ସ୍ୱାଇଁ, ଗନ୍ଧର୍ବ ସେନାପତି ଓ ସମସ୍ତ କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ।


ଉତ୍ସବରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି ।

## ୧୧ରେ ଛଇତନା ମେଳଣ

**ପୁରୀ ଅଫିସ, ୮।୪:**

ଆସନ୍ତା ୧୧ତାରିଖରେ ଛଇତନା ମେଳଣ ଅନୁଷ୍ଠିତ ହେବ। ଶାନ୍ତି କମିଟି ବୈଠକରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପୁରୀ ଜିଲାରେ ଛଇତନା ମେଳଣର ପ୍ରସିଦ୍ଧି ଥିବାରୁ ଉଭୟ ପୋଲିସ ଓ ଶାନ୍ତି କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଳଣ ପଡ଼ିଆରେ ୨୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯିବ। ଫଳରେ ଅସାମାଜିକ ବ୍ୟକ୍ତିମାନଙ୍କ ଉପରେ ନଜର ରଖିବା ସହଜ ହେବ। ଗତ ୨ବର୍ଷ ହେବ କୋଭିଡ୍ ସଂକ୍ରମଣ କାରଣରୁ କଟକଣାରେ ମେଳଣ ହୋଇଥିଲା। ମାତ୍ର ଚଳିତ ବର୍ଷ କଟକଣାମୁକ୍ତ ମେଳଣ ହେବ। ୨୩ ତାରିଖରେ ମେଳାଣ ପଡ଼ିଆରେ ଆତସବାଜି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଛଇତନା ସମେତ ଅନେକ ଗ୍ରାମରୁ ନାଗ, ମେଢ଼ ଓ କାଳିକା ସଜ ବାହାରିବ। ୨୪ ମୌଜାର ଗ୍ରାମବାସୀ ଏକାଠି ଏହି ଗଣପର୍ବକୁ ଉପଭୋଗ କରିବେ। ସମ୍ଭାବ୍ୟ ଗହଳିକୁ ଦୃଷ୍ଟିରେ ରଖି ରାମଚଣ୍ଡୀ ଥାନା ଓ ସଦର ଥାନା ପକ୍ଷରୁ ପୋଲିସ ମୁତୟନ କରାଯିବ। ସେହିଭଳି ଶାନ୍ତି କମିଟିରେ ମେଳଣ ସୁପରିଚାଳନା ନେଇ ଆଲୋଚନା ହୋଇଛି। ମେଳଣରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ସ୍ୱାଗତ ଓ ଲୋକଙ୍କ ସୁବିଧା ପାଇଁ ବ୍ୟବସ୍ଥା ନେଇ ପ୍ରସ୍ତୁତି ଶେଷ ହୋଇଥିବା ଶାନ୍ତି କମିଟି ସଭାପତି ରାମଚନ୍ଦ୍ର ରାଉତ କହିଛନ୍ତି।

**ଅସାମାଜିକଙ୍କ ଉପରେ ନଜର ରଖିବ ୨୦ରୁ ଊର୍ଦ୍ଧ୍ୱ ସିସିଟିଭି**

## ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଜଳ ମହୋତ୍ସବ

**ପୁରୀ ଅଫିସ, ୮।୪:**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଶୁକ୍ରବାର ଜଳ ଦିବସରେ ଜଳ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ପ୍ରକ୍ରିୟାରେ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ୟୁଥ୍ ଫର୍ ୱାଟର ଯୋଜନାରେ ସ୍ୱେଚ୍ଛାସେବୀମାନେ ଶ୍ୱେତଗଙ୍ଗା ପୁଷ୍କରିଣୀ ଓ ନିକଟବର୍ତ୍ତୀ ଅଞ୍ଚଳକୁ ପରିଷ୍କାର କରିଥିଲେ। 'ଆମର ଜଳ ଆମର ଭବିଷ୍ୟତ' ଭାବନା ମନରେ ରଖି ପ୍ରତ୍ୟେକ ଜଳାଶୟର ଜଳ ପବିତ୍ର ଗଙ୍ଗାଙ୍କ ସ୍ୱରୂପ ବୋଲି ଜ୍ଞାନ କରି ଏହାର ସ୍ୱଚ୍ଛତା ଓ ବିଦ୍ୟୁତ୍ୱ ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ହରପ୍ରିୟା ଦାଶ କହିଥିଲେ। ଜଳାଶୟଗୁଡ଼ିକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱେଚ୍ଛାସେବୀମାନେ ଶପଥ ନେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରକାଶ କୁମାର ଶତପଥୀ, ସଂଘମିତ୍ରା ସ୍ୱାଇଁ ଏବଂ ସୌମିତ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ସମୁଦ୍ରରେ ବୁଡ଼ି ଯୁବକ ମୃତ

**ପୁରୀ ଅଫିସ, ୮।୪:**

ସମୁଦ୍ରରେ ସ୍ନାନ ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ଅପରାହ୍ନ ୩ଟା ୩୦ରେ ଯୁବକ ଜଣକ ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ସ୍ନାନ କରୁଥିବା ସମୟରେ କୌଣସି କାରଣରୁ ଗଭୀର ସମୁଦ୍ର ମଧ୍ୟକୁ ଚାଲିଯାଇଥିଲେ। ସେଠାରୁ ଆଉ ଫେରି ନ ପାରି ବୁଡ଼ିଯାଉଥିବା ଦେଖି ନିୟୋଜିତ ଥିବା ଲାଇଫଗାର୍ଡ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ଗୃହରେ ମୃତଦେହ ରଖିଥିବା ଜଣାପଡ଼ିଛି।

## ନିଶା କାରବାର: ୩ ଗିରଫ

**ପୁରୀ ଅଫିସ, ୮।୪:**

ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପେଣ୍ଠକଟା କନକ ଦୁର୍ଗା ସାହିର ରାମ ଚରଣ ସାହୁ, ସିଟି ରୋଡ ନୂଆସାହିର ପ୍ରଭାତ ବେହେରା ଏବଂ ପେଣ୍ଠକଟା ଭୂଦାନ ଛକର ଟି. ଶ୍ରୀନୁ। ପୋଲିସ ରାମ ଓ ପ୍ରଭାତଙ୍କ ନିକଟରୁ ୩୦ ଲିଟର ତରଳ ଭାଙ୍ଗ, ୧୦ କେଜି ବଟା ଭାଙ୍ଗ ଏବଂ ୯୦୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୭୯/୨୨) ରୁଜୁ ହୋଇଛି। ସେହିପରି ଶ୍ରୀନୁଙ୍କ ନିକଟରୁ ୨୫ ଲିଟର ମଦ, ଗୋଟିଏ ସ୍କୁଟି ଓ ୬ହଜାର ୫୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୮୦/୨୨) ରୁଜୁ ହୋଇଛି।

## ପ୍ରାଚୀତଟରେ ବସନ୍ତ ମହୋତ୍ସବ, ମହାବିଷ୍ଣୁ ଯଜ୍ଞ

**କାକଟପୁର, ୮।୪(ଡି.ଏନ୍.ଏ.):**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟଲୀଳା କ୍ଷେତ୍ର ପ୍ରାଚୀତଟ ବିଶ୍ୱାମିତ୍ର ପୀଠରେ ଚୈତ୍ର ନବରାତ୍ର ଅବସରରେ ପଞ୍ଚମୀଠାରୁ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ବସନ୍ତ ମହୋତ୍ସବ ଗୁରୁବାର ପାଳିତ ହେବା ସହ ମହାବିଷ୍ଣୁ ଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣମାନେ ଯଜ୍ଞ ପରିଚାଳନା କରୁଛନ୍ତି। ୧୯୯୯ ମହାବାତ୍ୟାରେ ପ୍ରାଚୀତଟର ଅଧିକାଂଶ ଦେବପୀଠ ଧ୍ୱଂସ ହୋଇଯାଇଥିଲା। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର ଅଞ୍ଚଳବାସୀଙ୍କୁ ଏକାଠି କରି ପୀଠସ୍ଥଳୀଗୁଡ଼ିକରେ ଦେବ ବୃକ୍ଷରୋପଣ କରି ପୂର୍ବପରି ପୀଠରେ ଜାନିଯାତ୍ରା ଆରମ୍ଭ କରିଛନ୍ତି। ଚଳିତ ପ୍ରାଚୀତଟସ୍ଥ ଯଜ୍ଞରେ ବହୁ ସାଧୁ, ସନ୍ଥ, ସନ୍ନ୍ୟାସୀ, ଶ୍ରଦ୍ଧାଳୁଙ୍କ ଆଗମନ ଦେଖିବାକୁ ମିଳୁଛି। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ଗୀତଗୋବିନ୍ଦ ଗାନ, ପ୍ରାଚୀ ମାହାତ୍ମ୍ୟ ତଥା ଶ୍ରୀଜଗନ୍ନାଥ କଥାମୃତ ପାଠ କରାଯାଉଛି। ସରକାର ନମାମୀ ଗଙ୍ଗା ଯୋଜନା ପରି 'ନମାମୀ ପ୍ରାଚୀ ଯୋଜନା' କରି ପ୍ରାଚୀ ନଦୀ ତଥା ମହାନ୍ ପ୍ରାଚୀ ସଂସ୍କୃତିକୁ ପୂର୍ବପରି ପରିଚାଳନା କରନ୍ତୁ ବୋଲି ଜଗନ୍ନାଥପ୍ରେମୀମାନେ ଦାବି କରିଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**କଣାସ,୮।୪ (ସ୍ୱ.ପ୍ର.)**

କଣାସ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ରମେଶ ଚନ୍ଦ୍ର ବେହେରା, ଡା. ଶ୍ରେଷ୍ଠା ମହାପାତ୍ର, ଡା. ରଞ୍ଜିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଆମ ପୃଥିବୀ ଆମ ସ୍ୱାସ୍ଥ୍ୟ ଆଲୋଚନା କରିଥିଲେ। ଯଦି ଆମେ ଆମ ଜଳ, ପବନ ଓ ଖାଦ୍ୟକୁ ସ୍ୱଚ୍ଛ ରଖିବା ତେବେ ସମସ୍ତେ ସୁସ୍ଥ ରହିବା ବୋଲି ମତ ପ୍ରକାଶ ପାଇଥିଲା। ସେହିଭଳି ଗଡିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସୁଭଦ୍ରା ସୁବୁଦ୍ଧି, ସାହୁପଡାରେ ଡା. ବଲ୍ଲଭ ଭଟ, ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ବିଶ୍ୱରଞ୍ଜନ ଜେନା, ହରଚଣ୍ଡିପ୍ରସାଦରେ ଡା. ସମ୍ବିତ ରଞ୍ଜନ ଜେନା ଏବଂ ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସସ୍ମିତା ସାମନ୍ତରାୟ ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ଆଲୋକପାତ କରିଥିଲେ। ସାହସପୁର, ଗଡସାହି, କରମଳା, ଝାରଡା, ହରଷପଡା, ତ୍ରିଲୋଚନପୁର, ବକ୍ସ, ଜାଗୁଲାଇପଦର ଉପସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମଧ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା।

## ସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ଅସନ୍ତୋଷ

**ନିମାପଡ଼ା,୮।୪(ଡି.ଏନ୍.ଏ.):**

**ସରପଞ୍ଚଙ୍କ ଶପଥ ଗ୍ରହଣ ଉତ୍ସବ**

ନିମାପଡ଼ା ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତର ନୂତନ ସରପଞ୍ଚ ମନସ୍ୱିନୀ ବେହେରା ଶୁକ୍ରବାର ଶପଥ ଗ୍ରହଣ କରି ପ୍ରଥମେ ଅଫିସ ଗୃହ ପ୍ରବେଶ କରିଛନ୍ତି। ଏହି ଅବସରରେ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର ପ୍ରଥମ ବୈଠକ ସରପଞ୍ଚ ମନସ୍ୱିନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ଏହି ପ୍ରଥମ ବୈଠକ ଓ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ସମିତିସଭ୍ୟ ପ୍ରଭାକର ମଲ୍ଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ପୁଷ୍ପକାନ୍ତ ଦାଶ, ପିଇଓ ଗୁଣନିଧି ମିଶ୍ର, ଯୁବନେତା ସୁନୀଲ ସ୍ୱାଇଁ, ତ୍ରିନାଥ ପ୍ରଧାନ, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ପଞ୍ଚାୟତର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମାରୋହରେ ବିଡିଓ, ପଞ୍ଚାୟତ ସମିତି ଅଧକ୍ଷ, ନାଏବ ସରପଞ୍ଚ, ସରପଞ୍ଚଙ୍କ ସମେତ ୧୧ଜଣ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ୨୦୧୭ ମସିହାରେ ପଞ୍ଚାୟତ ପୁନର୍ଗଠନ ବେଳେ ରଟିଲୋ ନୂତନ ପଞ୍ଚାୟତ ଭାବେ ଗଠିତ ହୋଇଥିଲା। ହେଲେ ପଞ୍ଚାୟତ ଗଠନକୁ ୫ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଅଦ୍ୟାବଧି ଏହି ପଞ୍ଚାୟତଟିର ସ୍ଥାୟୀ ପଞ୍ଚାୟତ ଅଫିସ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ପଞ୍ଚାୟତର କାର୍ଯ୍ୟାଳୟ ଯାଯାବର ଭଳି ଗ୍ରାମର ବିଦ୍ୟାଳୟ, ଦୁଗ୍ଧ ସେବା ସମବାୟ ସମିତିରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ସରପଞ୍ଚ, ନାଏବ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ବିଡିଓ ଓ ପଞ୍ଚାୟତ ସମିତି ଅଧକ୍ଷଙ୍କଠାରେ ଦାବି କରିଛନ୍ତି।


ଅତିଥିଙ୍କ ଗହଣରେ ନୂତନ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟମାନେ ।

## 'ନୃତ୍ୟାଞ୍ଜଳି'ରେ ଗୁରୁ କେଳୁଚରଣଙ୍କୁ ଶ୍ରଦ୍ଧାଞ୍ଜଳି


ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଡିଜିପି ସଞ୍ଜିବ ମାରିକ୍ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

**ପୁରୀ ଅଫିସ, ୮।୪:**

ପୁରୀ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକ ପାଳନ ଅବସରରେ ଗୁରୁବାର ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଡିଜିପି ସଞ୍ଜିବ ମାରିକ୍, ଓସ୍ତି ଫାଉଣ୍ଡେଶନ ସେକ୍ରେଟାରୀ ଜେନେରାଲ ରତନ କୁମାର ବାରିକ୍, ସାମାଜିକ କର୍ମୀ ପ୍ରିୟବ୍ରତ ଦାସ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଶରତ କୁମାର ରଥ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସୁଜ୍ଞାନୀ ମହାପାତ୍ରଙ୍କୁ କୋକିଳପ୍ରଭା ଦେବଦାସୀ ସ୍ମୃତି ସମ୍ମାନ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ଲିନା ନନ୍ଦଙ୍କୁ ଗୁରୁ ଗୋପୀକୃଷ୍ଣ ସ୍ମୃତି ସମ୍ମାନ, ଚିରସ୍ରୋତା ଖୁଣ୍ଟିଆଙ୍କୁ ବିଜୟଲକ୍ଷ୍ମୀ ମହାନ୍ତି ସ୍ମୃତି ସମ୍ମାନ, କୃଷ୍ଣ କୁମାର ଦାସଙ୍କୁ ତନୁଶ୍ରୀ ପଣ୍ଡା ସ୍ମୃତି ସମ୍ମାନ, ଶରତ କୁମାର ରଥଙ୍କୁ ଶ୍ୟାମସୁନ୍ଦର ପାଣ୍ଡେ ସ୍ମୃତି ସମ୍ମାନ, କୁମାର ଭୀମସେନଙ୍କୁ କୃଷ୍ଣରାମ ସ୍ମୃତି ସମ୍ମାନ, ଅସ୍ମିତା ଦାସଙ୍କୁ ଲକ୍ଷ୍ମୀଦେବୀ ହନୁମାନ ପ୍ରସାଦ ସମ୍ମାନ ଏବଂ ସ୍ୱାଧୀନା ଦାସଙ୍କୁ ନୃତ୍ୟାଞ୍ଜଳି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦଳଗତ ଓ ଏକକ ଓଡ଼ିଶୀ ନୃତ୍ୟ, ମାହାରୀ ନୃତ୍ୟ, ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଦେଖ ଗୋ ରାଧା ମାଧବ ଚାଲି, ଚନ୍ଦନ ଚର୍ଚ୍ଚିତ, ମଙ୍ଗଳାଚରଣରେ ଶାନ୍ତାକାରଂ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ରୋଜାଲିନ୍ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା ଏବଂ ଅନୁଷ୍ଠାନର ସମ୍ପାଦକ ଗୁରୁ ନାରାୟଣ ପାଣ୍ଡେ ପରିଚାଳନା କରିଥିଲେ।

# ଆଜି କପିଳେଶ୍ୱରଙ୍କ ବିଜୟା ରଥଯାତ୍ରା

**ନିରାକାରପୁର, ୮।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଶନିବାର ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏ ନେଇ ଶୁକ୍ରବାର ନିରାକାରପୁର ଥାନାରେ ସ୍ଥାନୀୟ ଥାନାଧିକାରୀ ଗୀତାଞ୍ଜଳି ନାୟକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଟାଙ୍ଗୀ ଅଗ୍ନିଶମ ବିଭାଗର ମୁଖ୍ୟ ଅଭିନାଶ ପୃଷ୍ଟି, ଟାଙ୍ଗୀ ମେଡିକାଲ ଅଫିସର ଦିଲୀପ କୁମାର ମଲ୍ଲିକ, ବିପିଓ ତପନ କୁମାର ମାଣ୍ଟୁଙ୍କ ସମେତ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଗତ ଦୁଇ ବର୍ଷ ହେବ କୋଭିଡ୍ କଟକଣା ପାଇଁ କେବଳ ରୀତିନୀତି ହେଉଥିବା ବେଳେ ଚଳିତ ବର୍ଷ କଟକଣା ନ ଥିବାରୁ ଭକ୍ତଙ୍କ ମହଲରେ ଉତ୍ସାହ ଦେଖାଦେଇଛି।

ଅଶୋକାଷ୍ଟମୀ ପ୍ରତ୍ୟୁଷରୁ ମାନସିକ ପୂର୍ଣ୍ଣାର୍ଥେ ମହିଳାଙ୍କ ଦ୍ୱାରା ସ୍ନାନ ଓ ପ୍ରାର୍ଥନା। ସକାଳ ୬ଟାରୁ ମଙ୍ଗଳ ଆଳତି, ବାଲଧୂପ ଓ ଅଶୋକା ଫୁଲ ଲାଗି, ୭ଟାରେ ସର୍ବସାଧାରଣ ଦର୍ଶନ ଓ ଶୁଖୁଲି ଭୋଗ ସମର୍ପଣ, ୧୦ଟାରେ ରଥ ପ୍ରତିଷ୍ଠା, ୧୧ଟା ୩୦ରେ ଜଗନ୍ନାଥଙ୍କଠାରୁ ଆସିଥିବା ପାଟପଟନି ଓ ଚନ୍ଦନ କିଳା କପିଳେଶ୍ୱର ଦେବଙ୍କୁ ଲାଗି, ୧୨ଟାରେ ଶଙ୍ଖୁଡି ଭୋଗ ଲାଗି ଓ ମଧ୍ୟାହ୍ନ ଧୂପ ହେବ। ପରେ ଆରେଡି ଗ୍ରାମରୁ ଗ୍ରାମେଶ୍ୱର ଦେବଙ୍କ ଆଗମନ, ଗ୍ରାମେଶ୍ୱର ଦେବଙ୍କ ଆଳତି ଓ ପହଣ୍ଡି ଯାତ୍ରା, ଅପରାହ୍ନ ୩ଟାରେ ଗ୍ରାମେଶ୍ୱର ଦେବଙ୍କ ବିଜୟ ମଣ୍ଡପରେ ବିଜେ, ୩ଟା ୩୦ରେ ଜୀଉମାନଙ୍କୁ ବିଜୟା ମଣ୍ଡପରେ ଆଳତି ଓ କୋଠଭୋଗ, ୪ଟାରେ ଶ୍ରୀଜୀଉଙ୍କର ରଥାରୂଢ ନିମନ୍ତେ ବିଜୟ ମଣ୍ଡପରୁ ଧାଡିପହଣ୍ଡି ଆରମ୍ଭ, ୪ଟା ୩୦ରେ ଜୀଉଙ୍କ ରଥାରୂଢ, ୪ଟା ୩୫ରେ ସାରଥି ଭଗବାନ ବ୍ରହ୍ମାଙ୍କର ରଥାରୂଢ। ରଥରେ ଅଶ୍ୱ ଏବଂ ଦଉଡ଼ି ସଂଯୋଗ। ୫ଟାରେ ରଥଟଣା ଆରମ୍ଭ ହେବ। ୫ଟା ୩୦ରେ ପଣା କିଆରିରେ ରଥ ଉପରେ ପଣାଭୋଗ ଲାଗି କରାଯିବ। ୬ଟା ୩୦ରେ ଜୀଉମାନଙ୍କର ରଥ ଉପରେ ବେଦବାଡିରେ ବିଶ୍ରାମ। ଶ୍ରୀରାମନବମୀ ସନ୍ଧ୍ୟା ୮ଟାରେ ରଥାରୂଢ଼ ହୋଇ ରହିଥିବା ଜୀଉଙ୍କୁ ରାଧାକାନ୍ତ ଦେବଙ୍କ ମନ୍ଦିର (ଗୁଣ୍ଡିଚା ମନ୍ଦିର)କୁ ଆଗମନ। ତୃତୀୟ ଦିନ ହେରା ଦଶମୀ ରାତ୍ର ୧୦ଟାରେ ମା'ନାରାୟଣୀ ଠାକୁରାଣୀଙ୍କର ବିମାନ ପହଣ୍ଡିରେ ରାଧାକାନ୍ତ ଦେବଙ୍କ ମନ୍ଦିର (ଗୁଣ୍ଡିଚା ମନ୍ଦିର)କୁ ଆଗମନ। ୧୧ଟାରେ ନାରାୟଣୀଙ୍କର ଶ୍ରୀଜୀଉଙ୍କ ସହ ଭେଟ, ଆଳତି, ବନ୍ଦାପନା ଓ ନିଶାର୍ଦ୍ଧରେ ପ୍ରତ୍ୟାବର୍ତ୍ତନ। ଚତୁର୍ଥ ଦିନ ଏକାଦଶୀରେ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ଦର୍ଶନପ ଓ ବିଜୟା ରଥର ଦିଗ ପରିବର୍ତ୍ତନ। ଦ୍ୱାଦଶୀ ବାହୁଡ଼ା ଯାତ୍ରା ସନ୍ଧ୍ୟା ୬ଟାରେ ଗ୍ରାମବାସୀଙ୍କ ପେଡିଭୋଗ ଲାଗି କରାଯିବ। ୭ଟା ୩୦ରେ ଠାକୁରଙ୍କ ପାଖରେ ଆଳତି ଓ ଶୁଖୁଲି ଭୋଗ। ୯ଟାରେ ଗଦ ଖେଚୁଡି ଭୋଗଲାଗି। ୯ଟା ୩୦ରେ ଗଜପତିଙ୍କ ଉତ୍ତରାଧିକାରୀଙ୍କୁ ଶିରିପା ପ୍ରଦାନ। ୧୦ଟା ୩୦ରେ ଜୀଉଙ୍କର ବିମାନ ପହଣ୍ଡି ଓ ପଟୁଆର ଶୋଭାଯାତ୍ରା, ୧୨ଟା ୩୦ରେ ଜୀଉଙ୍କର ବାଟପହଣ୍ଡି ଆରମ୍ଭ ହେବ। ୧ଟା ୨୦ରେ ଟ୍ରଷ୍ଟବୋର୍ଡ ପକ୍ଷରୁ ରଥ ଉପରେ ଠାକୁରଙ୍କୁ ପଣାଭୋଗ ଲାଗି ଓ ୧ଟା ୩୦ରେ ରଥଟଣା ହେବ। ୨ଟା ୨୦ରେ ପଣା କିଆରିରେ ଗୋପାଳମାନଙ୍କ ପଣାଭୋଗ, ୨ଟା ୩୦ରେ ରଥ ଭେଟବାଲିରେ ପହଞ୍ଚିବ। ୩ଟାରେ ନାରାୟଣୀଙ୍କର ଚାହାଣି ମଣ୍ଡପରେ ବିଜେ, ୪ଟା ୩୦ରେ ବୃନ୍ଦାବନ ଚନ୍ଦ୍ରଙ୍କ ରଥ ଉପରେ ଚୁଡ଼ାଘଷା ଭୋଗ, ୫ଟାରେ ନାରାୟଣୀଙ୍କ ଜୀଉମାନଙ୍କୁ ଭେଟବାଲିରେ ଦର୍ଶନ ଓ ମନ୍ଦିରକୁ ସ୍ୱାଗତ। ତ୍ରୟୋଦଶୀ ୬ଟାରେ ରଥଟଣା ହେବ। ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କୁ ସ୍ନାନମାର୍ଜନା ଓ ପ୍ରପାନକ ଲାଗି, ଅପରାହ୍ନ ୪ଟାରେ ଦଳବେହେରାଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ, ୫ଟାରେ ଗ୍ରାମେଶ୍ୱର ଦେବଙ୍କୁ ମେଲାଣି ସମ୍ବର୍ଦ୍ଧନା ଦିଆଯିବ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୧ ପ୍ଲାଟୁନ ପୋଲିସ ଫୋର୍ସ, ପୋଲିସ ଅଧିକାରୀ ନିୟୋଜିତ ହେବେ ବୋଲି ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

## ଅପରାହ୍ନ ୫ଟାରେ ରଥଟଣା



## ସଂକ୍ଷେପରେ

### କାଳରାତ୍ରି ବେଶରେ ଦର୍ଶନ ଦେଲେ ଜାଗୁଳାଈ



**ଜଟଣୀ, ୮।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଗ୍ରାମଦେବୀ ମା' ଜାଗୁଳାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଜାରି ରହିଛି। ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ମହାସ୍ନାନ କରାଯାଇ ମା'ଙ୍କୁ କାଳରାତ୍ରି ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରିଚାଳନା କମିଟି ସମ୍ପାଦକ ଏଲ୍.ଡି. ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଭାସ୍କର ବେହେରା, ଜିତା ବେହେରା, ବିଦ୍ୟାନନ୍ଦ ବେହେରା, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ଜେନା, ଭାଗୁ ପ୍ରଧାନ, ବିଶ୍ୱଜିତ୍ ବେହେରା, ହରେକୃଷ୍ଣ ମଙ୍ଗରାଜ, ବିବେକ ଦଳାଇ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନଗରପାଳ ଅନନ୍ତ ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଅଷ୍ଟମୀ ତିଥିରେ ମା' ମହାଗୌରୀ ବେଶରେ ଦର୍ଶନ ଦେବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

### ସମୁଦ୍ରରେ ବୁଡ଼ି ଯୁବକ ମୃତ

**ପୁରୀ ଅଫିସ, ୮।୪:** ସମୁଦ୍ରରେ ସ୍ନାନ ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ଅପରାହ୍ନ ୩ଟା ୩୦ରେ ଯୁବକ ଜଣକ ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ସ୍ନାନ କରୁଥିବା ସମୟରେ କୌଣସି କାରଣରୁ ଗଭୀର ସମୁଦ୍ର ମଧ୍ୟକୁ ଚାଲିଯାଇଥିଲେ। ସେଠାରୁ ଆଉ ଫେରି ନ ପାରି ବୁଡ଼ିଯାଉଥିବା ଦେଖି ନିୟୋଜିତ ଥିବା ଲାଇଫଗାର୍ଡ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ଗୃହରେ ମୃତଦେହ ରଖିଥିବା ଜଣାପଡ଼ିଛି।

### ନିଶା କାରବାର: ୩ ଗିରଫ

**ପୁରୀ ଅଫିସ, ୮।୪:** ବେଆଇନ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପେଣ୍ଠକଟା କନକ ଦୁର୍ଗା ସାହିର ରାମ ଚରଣ ସାହୁ, ସିଟି ରୋଡ ନୂଆସାହିର ପ୍ରଭାତ ବେହେରା ଏବଂ ପେଣ୍ଠକଟା ଭୂଦାନ ଛକର ଟି. ଶ୍ରୀନୁ। ପୋଲିସ ରାମ ଓ ପ୍ରଭାତଙ୍କ ନିକଟରୁ ୩୦ ଲିଟର ତରଳ ଭାଙ୍ଗ, ୧୦ କେଜି ବଟା ଭାଙ୍ଗ ଏବଂ ୯୦୦ ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୭୯/୨୨) ରୁଜୁ ହୋଇଛି। ସେହିପରି ଶ୍ରୀନୁଙ୍କ ନିକଟରୁ ୨୫ ଲିଟର ମଦ, ଗୋଟିଏ ସ୍କୁଟି ଓ ୬ହଜାର ୫୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୮୦/୨୨) ରୁଜୁ ହୋଇଛି।

# ୩୦ ଚୋରି ବାଇକ୍ ଜବତ, ୮ ଗିରଫ

**ଯାଁଳା, ୮।୪ (ଡି.ଏନ୍.ଏ.)**

ରାଜ୍ୟରେ ସକ୍ରିୟ ଥିବା ଏକ ବଡ଼ ବାଇକ ଚୋରି ର୍ୟାକେଟର ପର୍ଦ୍ଦାଫାସ କରିଛି କମିଶନରେଟ ପୋଲିସ। ର୍ୟାକେଟରେ ସମ୍ପୃକ୍ତ ୬ଜଣ ଲୁଟେରା ଓ ୨ ଗ୍ରାହକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲାର ପ୍ରଦୀପ ପାଇକରାୟ, ଆକାଶ ବେହେରା, ବାଦାଲ ବେହେରା ଓ ଜୟ ବେହେରା ଏବଂ ଖୋର୍ଦ୍ଧା ଜିଲାର ସମରକ ଶତପଥୀ ଓ ଶ୍ରୀନିବାସ ମହାନ୍ତି। ଏମାନଙ୍କଠାରୁ ଚୋରି ବାଇକ୍ କିଣି ଗିରଫ ହୋଇଥିବା ୨ଜଣ ହେଲେ ଗଞ୍ଜାମର ମିଥୁନ ବିଶୋଇ ଓ ଅମିନ ସାହୁ। ଏମାନଙ୍କଠାରୁ ମୋଟ ୩୦ ଚୋରା ବାଇକ ଜବତ ହୋଇଛି। ଏଥିରୁ ଭୁବନେଶ୍ୱରରୁ ୨୬ ବାଇକ୍ ରହିଥିବାବେଳେ ଗଞ୍ଜାମର ୪ଟି ରହିଛି। ଅଭିଯୁକ୍ତମାନେ ବହୁତ କମ୍ ସମୟରେ ଗୋଟିଏ ଅଞ୍ଚଳରୁ ୪ଟି ବାଇକ ଚୋରି କରିଥିବା ସିସିଟିଭିରେ କଏଦ ହୋଇଛି। ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ମୋଟରସାଇକେଲ ଫେରସ୍ତ ମେଳାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏନେଇ ସୂଚନା ଦେଇଛନ୍ତି। ଜବତ ୩୦ ଚୋରା ବାଇକ୍ ମଧ୍ୟରୁ ୧୫ ଗାଡିକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରାଯାଇଛି। ଅତିରିକ୍ତ ପୋଲିସ କମିଶନର ନୀତିଶେଖର, ଡିସିପି ଉମାଶଙ୍କର ଦାସ ଉପସ୍ଥିତ ଥିଲେ।



ପଶୁପକ୍ଷୀଙ୍କ ପାଇଁ ଘର ଦୁଆର ଆଗରେ ପାଣିପାତ୍ର ରଖିବା ନେଇ ପ୍ରେରଣା ଅନୁଷ୍ଠାନ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଉଛି।

# ଗଡ଼ିଲା ଶିକ୍ଷା ସଚେତନତା ରଥ

**ଖୋର୍ଦ୍ଧା ଅଫିସ, ୮।୪**

- ଗୁଣାତ୍ମକ ଶିକ୍ଷାର ବିକାଶ ଲକ୍ଷ୍ୟ
- ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନେଇ ଅଭିନବ ପ୍ରୟାସ

ଖୋର୍ଦ୍ଧା ବ୍ଲକ ଶିକ୍ଷା ମଣ୍ଡଳ ଆନୁକୂଲ୍ୟରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ପରିସରରୁ ଶିକ୍ଷା ସଚେତନତା ରଥ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ବ୍ଲକ ଏବଂ ସହରାଞ୍ଚଳରେ ବୁଲିବ। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ନିଶ୍ଚିତ କରିବା ତଥା ଅଭିଭାବକଙ୍କୁ ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ, ବିଆର୍‌ସିସି ସତ୍ୟବାନ ଶ୍ରୀଚନ୍ଦନ, ଏବିଇଓ ନଳିନୀ ଦେବୀ, ଭରତ ଚନ୍ଦ୍ର ପ୍ରଧାନ, ସିଆର୍‌ସିସି ଯୁଧିଷ୍ଠିର ସାହୁ, ଶିକ୍ଷକ ରବି ନାରାୟଣ ପଣ୍ଡା, ରବି ପ୍ରଧାନ, ଧ୍ରୁବଚରଣ ରଣା, ଅମିୟ କୁମାର ପରିଡା, ରବି ସାହୁ, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ବିଭୁପ୍ରସାଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବିଧାୟକ ମିତ୍ର କହିଥିଲେ, ଶିକ୍ଷା ହେଉଛି ସଫଳତାର ମାପକାଠି। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ। ଉଚ୍ଚ ଆକାଂକ୍ଷା ଏବଂ ସ୍ୱପ୍ନକୁ ସାକାର କରିବା ଦିଗରେ ଶିକ୍ଷା ହେଉଛି ମାଧ୍ୟମ। ଶିକ୍ଷା ହିଁ ମନୁଷ୍ୟର ପ୍ରତିଷ୍ଠା, ଗୌରବ ଆଣିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏଥିପ୍ରତି ଯତ୍ନବାନ୍ ହେବା ସହ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ଦିଗରେ ସଚେତନ ହେବା ଲାଗି ଆହ୍ୱାନ କରିଥିଲେ। ସେହିପରି ବିଇଓ ରାଉତ କହିଥିଲେ ଯେ, ଉତ୍ତମ ବ୍ୟବହାର, ଆଚରଣ, ଆଦର୍ଶ, ସଂସ୍କାରଯୁକ୍ତ ପରିବେଶ କେବଳ ଶିକ୍ଷା ଦେଇଥାଏ। କୋଭିଡ୍ ମହାମାରୀ ଯୋଗୁ ପିଲାମାନେ ଦୁଇ ବର୍ଷ ହେବ ସ୍କୁଲ ଶିକ୍ଷାରୁ ଦୂରେଇ ଯାଇଥିଲେ। ସେମାନଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ଏହି ଅଭିନବ ପ୍ରୟାସ ହୋଇଛି। ଗୁଣାତ୍ମକ ଶିକ୍ଷା, ଅନ୍‌ଲାଇନ କ୍ଲାସ ପ୍ରସାରଣ, ଶିକ୍ଷାଦର୍ପଣ, ରେଡିଓ ପାଠଶାଳା, ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ପିଲାଙ୍କ ବୌଦ୍ଧିକ ବିକାଶ ସମୀକ୍ଷା ସହ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଭାବେ ଶିକ୍ଷଣ ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ, ପୋଷାକ ବିତରଣ, କ୍ୟାରିୟର ପୋର୍ଟାଲ ଗଠନ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇ ଶିକ୍ଷା ବିଭାଗ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

# ଗଡ଼ଖୋର୍ଦ୍ଧା ଛକ, ବାଟମଙ୍ଗଳାରେ ଅଣ୍ଡରପାସ୍ ନିର୍ମାଣ ଦାବି ତେଜିଲା

**ଖୋର୍ଦ୍ଧା ଅଫିସ, ୮।୪**

ଭୁବନେଶ୍ୱର ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଗଡ଼ ଖୋର୍ଦ୍ଧା ଛକ ଓ ବାଟମଙ୍ଗଳାଠାରେ ଦୁଇଟି ଅଣ୍ଡରପାସ୍ ରାସ୍ତା ନିର୍ମାଣ ଦାବିରେ ଖୋର୍ଦ୍ଧାର ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ବୁଦ୍ଧିଜୀବୀ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ସାମାଜିକ ସଙ୍ଗଠକ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଆଲୋଚନା କରିଥିଲେ। ଏହି ଦୁଇ ଛକରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ରାସ୍ତା ସମ୍ପ୍ରସାରଣ ଚାଲିଥିବାରୁ ଭୁବନେଶ୍ୱର ପଟୁ ଆସୁଥିବା ଯାନବାହନ ଏହି ଦୁଇ ରାସ୍ତା ଉପରେ ନିର୍ଭର କରୁଛନ୍ତି। ଫଳରେ ଯାତାୟାତ ସମୟରେ ଭିଡ଼ ହେଉଛି। ଏଠାରେ ଅଣ୍ଡରପାସ୍ ନିର୍ମାଣ କରାଗଲେ ଟ୍ରାଫିକ୍ ସମସ୍ୟା ସମାଧାନ ହୋଇପାରିବ ବୋଲି ଜଣାଇଛନ୍ତି। ତେବେ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଖୋର୍ଦ୍ଧାବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଟାଙ୍ଗୀ ବ୍ଲକ ଚେୟାରମ୍ୟାନ୍ ରିସନା ମାନ୍ଧାତା, ପମିନା ଦାସ,ଏମ୍.ଡି. କାଲାମ, ରମେଶ ବଡ଼ଜେନା, ଶର୍ମିଷ୍ଠା ପଟ୍ଟନାୟକ, ତସ୍‌ଲିମା ବେଗମ୍, ସନ୍ଧ୍ୟାରାଣୀ ମିଶ୍ର, ବିନୋଦିନୀ ପଟ୍ଟନାୟକ, ବିନତି ପଣ୍ଡା, ଗାୟତ୍ରୀ ବୋଷ, ସରସ୍ୱତୀ ଭଞ୍ଜ, ସୁଧାଂଶୁ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ଅକ୍ଟୋବରରେ ମଧ୍ୟ ଏହି ଦୁଇ ଛକରେ ଅଣ୍ଡରପାସ୍ ନିର୍ମାଣ ଲାଗି ଖୋର୍ଦ୍ଧାର ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଳିତ ମଞ୍ଚରେ ଦାବି ଉଠିଥିଲା। ଏ ସମ୍ପର୍କରେ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

# ଚିକିତ୍ସା ଅବହେଳାରୁ ଶିଶୁପୁତ୍ର ମୃତ

**ଖୋର୍ଦ୍ଧା ଅଫିସ,୮।୪**

## ଅଭିଯୋଗ ଆଣିଲା ପରିବାର

ଚିକିତ୍ସାରେ ଅବହେଳା ଓ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁ ଜଣେ ନବଜାତ ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି ବୋଲି ଶୁକ୍ରବାର ପରିବାର ଲୋକେ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଜଙ୍କିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ଗ୍ରାମର ଜିତେନ୍ଦ୍ର କହଲସିଂ ତାଙ୍କ ସ୍ତ୍ରୀଙ୍କୁ ପ୍ରସବ ପାଇଁ ଖୋର୍ଦ୍ଧାର ଏକ ମେଡିକାଲକୁ ନେଇଥିଲେ। ସେଠାରେ ଥିବା ମେଡିକାଲର ଜଣେ କର୍ମଚାରୀ ଓ ଡାକ୍ତର ନିଜ କ୍ଲିନିକରେ ଚିକିତ୍ସା କରାଇବା ଲାଗି ଜିତେନ୍ଦ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଜିତେନ୍ଦ୍ର ସ୍ତ୍ରୀ ରିଙ୍କିଙ୍କୁ ଧରି ଉକ୍ତ କ୍ଲିନିକକୁ ଯାଇଥିଲେ। ଏହା ପରେ ତାଙ୍କ ରିଙ୍କି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହା ପରେ ସମ୍ପୃକ୍ତ ଡାକ୍ତର ଜଣଙ୍କ ଜିତେନ୍ଦ୍ରଙ୍କୁ ୧ଲକ୍ଷ ଟଙ୍କା ଜମା କରିବା ପାଇଁ କହିଥିଲେ। ମାତ୍ର ଜିତେନ୍ଦ୍ର ୫୦ହଜାର ଟଙ୍କା ଜମା କରିଥିବା କହିଥିଲେ। ଏଥିରେ ଡାକ୍ତର ଜଣଙ୍କ ରାଗିଯାଇ ସକାଳ ସୁଦ୍ଧା ଟଙ୍କା ଡିପୋଜିଟ କରିବା ପାଇଁ କହିଥିଲେ। ତେବେ ସକାଳେ ଇଞ୍ଜେକ୍ସନ ଓ ଔଷଧ ପାଇଁ ୫ ହଜାର ଟଙ୍କା ଦେବା ପରେ ପୁଅକୁ ଦେଖିବା ଲାଗି ଜିତେନ୍ଦ୍ର କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ସନ୍ଧ୍ୟା ୬ଟା ରେ ପୁଅ ଦେହ ଗୁରୁତର ଥିବା କହିଥିଲେ। କିଛି ସମୟ ପରେ ପୁଅ ମରିଯାଇଥିବା କହିବା ସହ ବାକି ଟଙ୍କା ମାଗିଥିଲେ। ମୃତ୍ୟୁର କାରଣ ପଚାରିବାରୁ ଗାଳି କରିବା ସହ ବାକି ଟଙ୍କା ନ ଦେଲେ ମୃତ ଶିଶୁକୁ ଦେବୁ ନାହିଁ ବୋଲି କହିଥିଲେ ବୋଲି ଜିତେନ୍ଦ୍ର ଅଭିଯୋଗ ପର୍ଚ୍ଚରେ ଦର୍ଶାଇଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଡାକ୍ତରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କ୍ୱାର୍ଟର ଫାଇନାଲରେ ଜରିପୁଟ, ପାନବରଜ

**ଖୋର୍ଦ୍ଧା ଅଫିସ, ୮।୪**

## ମା' ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦେଉଳିଟାଙ୍ଗୀଠାରେ ଚାଲିଥିବା ମା' ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଜରିପୁଟ ଓ ଗୁଡୁମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଟସ୍ ଜିତି ଗୁଡୁମ୍ ଟିମ୍ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୧୦ କରନ୍ ସଂଗ୍ରହ କରିଥିଲା। ଜବାବରେ ଜରିପୁଟ ଟିମ୍ ୯ ଓଭର ୩ଟି ବଲ ଖେଳି ୨ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରି ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଜରିପୁଟ ଟିମ୍‌ର ମାନସ ରଞ୍ଜନ ବାରିକ ୨୬ ବଲରେ ୪୬ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ପାନବରଜ ଓ ପଳାସପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ପାନବରଜ ଟିମ୍ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୭୭ ରନ୍ କରିଥିଲା। ପଳାସପୁର ଟିମ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୪୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ପାନବରଜ ଟିମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାନବରଜ ଟିମ୍‌ର କର୍ଣ୍ଣଦ୍ୱୀପ ପଟ୍ଟନାୟକ ୨୮ ବଲରୁ ୪୭ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋପୀନାଥ ମାଝୀ ଓ ମଦନ ମୋହନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ସ୍ୱାଇଁ ଓ ଶ୍ରଦ୍ଧାନନ୍ଦ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ରାଶନ ସାମଗ୍ରୀରୁ ହିତାଧିକାରୀ ବଞ୍ଚିତ

**ବେଗୁନିଆ, ୮।୪(ଡି.ଏନ୍.ଏ.)**

## ବିଡିଓଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ପଞ୍ଚାୟତର ଜଣେ ହିତାଧିକାରୀଙ୍କ ରାଶନ ସାମଗ୍ରୀ ହଡ଼ପ ହେଉଥିବା ଅଭିଯୋଗ ହୋଇଛି। ସେ ୩ ମାସ ହେବ ରାଶନ ସାମଗ୍ରୀ ନ ପାଇ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ତେବେ କ'ଣ ପାଇଁ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛୁ, ସେନେଇ ହିତାଧିକାରୀ ଜଣକ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତରେ ଅନେକ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡିଛନ୍ତି। ନିରପେକ୍ଷ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇଁ ଦାବି ହୋଇଛି। ଅଭିଯୋଗ ମୁତାବକ, ଏହି ପଞ୍ଚାୟତ ଅନ୍ତର୍ଗତ ବେତରଜଙ୍ଗ ମୌଜାର ଗୁଲ ସ୍ୱାଇଁଙ୍କ ରାଶନ କାର୍ଡ ନଂ.୧୦୮୯। ଗୁଲଙ୍କ ପରିବାରର ତିନିଜଣଙ୍କର ରାଶନ ସାମଗ୍ରୀ ହଡ଼ପ ବାବଦରେ ଗତ ୪ ତାରିଖରେ ଲିଖିତଭାବେ ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚର ସାମଗ୍ରୀ ପାଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରିବାରେ ସାମଗ୍ରୀ ହଡ଼ପ ହୋଇଥିବା ଜାଣିବାକୁ ପାଇଥିଲି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ବୋଲି ସେ ଦାବି କରିଛନ୍ତି। ଯୋଗାଣ ଦାୟିତ୍ୱରେ ଥିବା ପଞ୍ଚାୟତ ପିଅନ ବଂଶୀଧର ବାରିକଙ୍କୁ ପଚାରିବାରୁ ସେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି।

# ଶିକ୍ଷକ ପଦବୀ ପୂରଣ ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୮।୪**

ଶିକ୍ଷାର ପ୍ରଗତି ପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁଣିଥରେ ସ୍କୁଲକୁ ଫେରାଇ ଆଣିବା, ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ଜିଲାଠାରୁ ବ୍ଲକସ୍ତରରେ ଶିକ୍ଷା ସଚେତନ ରଥ ଗଡୁଛି। ଅନ୍ୟପଟେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏଭଳି ଅଭିଯୋଗ ଆସିଛି ଖୋର୍ଦ୍ଧା ବ୍ଲକ କୁମାରବସ୍ତା ଗାଁରୁ। ଏହି ଗ୍ରାମର ଲୋକନାଥ ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲିପଡିଛି। ଫଳରେ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାର ସ୍କୁଲ କମିଟି ସମେତ ଉକ୍ତ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଉଚ୍ଚ ପ୍ରାଥମିକ ବିଭାଗରେ ୧୮୨ ଏବଂ ମାଧ୍ୟମିକ ବିଭାଗରେ ୮୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲିପଡିଛି। ସେହିପରି ମାଧ୍ୟମିକ ବିଭାଗରେ ବିଜ୍ଞାନ, କଳା, ଖେଳରେ କେହି ଶିକ୍ଷକ ନାହାନ୍ତି। ଏପରି କି କିରାଣି ଏବଂ ପିଅନ ପଦବୀ ମଧ୍ୟ ଖାଲି ରହିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀ ପାଇଁ ୬ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ ଶୃଙ୍ଖଳିତ ବିଦ୍ୟାଦାନ ଏବଂ ଶୈକ୍ଷିକ ବାତାବରଣ ଲାଗି ଆବଶ୍ୟକ ଶିକ୍ଷକ ପୂରଣ ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜିଲା ଶିକ୍ଷା ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏପରି କି ବିଦ୍ୟାଳୟରେ ଏତେସଂଖ୍ୟକ ପିଲା ଏକାଠି ମଧ୍ୟାହ୍ନଭୋଜନ ପାଇଁ ଉପଯୁକ୍ତ ବାତାବରଣ ନାହିଁ। ଫଳରେ ପିଲାମାନେ ହଇରାଣ ହେଉଛନ୍ତି। ଭୋଜନ ପ୍ରସ୍ତୁତି ଗୃହ ନିର୍ମାଣ ସହ ଶିକ୍ଷକ ପଦବୀ ପୂରଣ ଲାଗି ସ୍କୁଲ କମିଟି ସହ ଗ୍ରାମର ସରସ୍ୱତୀ ବେହେରା, ମାନସୀ ପାତ୍ର, ଲିଲି ବଡ଼ଜେନା, ବିଦ୍ୟୁଲତା ଦେହୁରୀ, ନଳିନୀ ବେହେରା, ସବିତା ବେହେରାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ନଦୀ ସୁରକ୍ଷା ପାଇଁ ମହାନଦୀ ଆଳତି

**କଟକ ଅଫିସ:** ପୃଥିବୀରୁ ପ୍ରାକୃତିକ ଦୁର୍ବିପାକ ଦୂର କରିବା ସହ ନଦୀର ପୁନରୁଦ୍ଧାର ନିମନ୍ତେ ଶୁକ୍ରବାର ମହାନଦୀର ଗଡଗଡିଆ ଘାଟରେ ମହାନଦୀ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜାର ମା' ଶାରଦା ଦେବୀ ଆଶ୍ରମ ପକ୍ଷରୁ ପ୍ରଦ୍ୟୁମ୍ନ କିଶୋର ଦେବ ଆଳତି କରି କହିଥିଲେ, ନଦୀର ସଂରକ୍ଷଣ ଓ ପୁନରୁଦ୍ଧାର କରାଗଲେ ବନ୍ୟା ଭଳି ବିପର୍ଯ୍ୟୟକୁ ରୋକାଯାଇପାରିବ। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାପାରମିତା ନାୟକ, ଅସିତ୍ ପ୍ରଧାନ, ଦେବାଶିଷ ପରିଡା, ବିଶ୍ୱଜିତ୍ ପରିଡା, ଦେବେନ୍ଦ୍ର ପାଣି, ଲଳିତ୍ ରାଉତରାୟ, ସୁକାନ୍ତ ପ୍ରଧାନ, ଅନୁରାଧା ସିଲ୍, ଆଶୁତୋଷ ବେହେରା, ରବୀନ୍ଦ୍ର ବେହେରା, ଶାନ୍ତିପ୍ରିୟା ପରିଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅନିଲ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୦ ମୋବାଇଲ ଫୋନ ଜବତ, ଅଭିଯୁକ୍ତ ଗିରଫ

**କଟକ ଅଫିସ, ୮।୪:** ଚୋରି ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତଳବାରକୋଟର ବେନା ଓରଫ ବନମାଳୀ ପରିଡା(୨୫)। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୧୦ଟି ମୋବାଇଲ ଫୋନ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କ୍ୟାଣ୍ଟନମେଣ୍ଟ ଥାନା ଅଧୀନ କିଲ୍ଲା ଫୋର୍ଟ ନିକଟରେ ରହୁଥିବା ଲୋପାମୁଦ୍ରା ନାୟକଙ୍କ ଘରୁ ସ୍ମାର୍ଟ ଫୋନ୍ ଓ ୨ଟି ମନିପର୍ସ ଗତ ୧୪ ତାରିଖରେ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଚୋରି ମୋବାଇଲ ଟ୍ରାକିଂ କରିବା ପରେ ଢେଙ୍କାନାଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ତାଙ୍କ ନିକଟରୁ ଅନ୍ୟ ମୋବାଇଲଗୁଡିକ ଜବତ କରାଯାଇଥିଲା।

### ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ

**କଟକ ଅଫିସ, ୮।୪:** ବିଡ଼ାନାସୀସ୍ଥିତ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଓ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ଏବଂ ପୂଜ୍ୟ କୁମାର ଭାଇଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଡ. ଅରୁନ୍ଧତି ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ ଯୋଗଦେଇ କହିଥିଲେ, ଶୋଭନୀୟ ସମାଜ ନିର୍ମାଣ ନିମନ୍ତେ ପୂଜ୍ୟ କୁମାର ଭାଇଙ୍କ ବାଣୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ତନ୍ମୟ ପଣ୍ଡା, ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେଶନର ପୂର୍ବତନ ଅଫିସର ଗୋପାଳକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନୋଜ ଦାସଙ୍କ କବିତା ପୁସ୍ତକ 'ତ୍ରିଶଙ୍କୁ' ଉନ୍ମୋଚିତ ହୋଇଥିଲା।

### ଜଳଛତ୍ର ଉଦ୍‌ଘାଟିତ

**କଟକ ଅଫିସ, ୮।୪:** କଟକ ମହାନଗର ନିଗମର ୪୯ନଂ ୱାର୍ଡ ନାନକାର ଗ୍ରାମ ପାର୍ଶ୍ୱ ଜାତୀୟ ରାଜପଥ ସର୍ଭିସ ରାସ୍ତାରେ ଶ୍ରୀରାମ ମହିଳା ଆରୋଗ୍ୟ ସମିତି ଓ ବେହେରାସାହି ମହିଳାମାନଙ୍କ ଉଦ୍ୟମରେ ଜଳଛତ୍ର କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ସମିତି ସଭାପତି ରେଣୁକା ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ଜଳଛତ୍ର କେନ୍ଦ୍ରରେ ଉପସ୍ଥିତ ରହି ପଥଚାରୀମାନଙ୍କୁ ଦହିପାଣି ବିତରଣ କରିଥିଲେ। ସମିତି ସମ୍ପାଦିକା ମନୋରମା ନାୟକ, କୋଷାଧ୍ୟକ୍ଷ ଟିକିନା ସାମଲ, ମାମା ସେଠୀ, ପ୍ରୀତି ସେଠୀ, କବିତା ସାମଲ, ସୁଷମା ସାମଲ, ସସ୍ମିତା ଲେଙ୍କା ଓ ଅଙ୍ଗନୱାଡି କର୍ମୀ ନିର୍ଲିପ୍ତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ଚୌଦ୍ୱାର,୮।୪(ଡି.ଏନ୍.ଏ):** ଚୌଦ୍ୱାର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା, ପ୍ରାଧାପକ ଶରତ କୁମାର ମଲ୍ଲିକ, ପ୍ରଭାକର ମିଶ୍ର, ମୋହିତ୍ କର, କ୍ଷୀରାବ୍ଧି ଚୌଧୁରୀ, ପ୍ରଭାବତୀ ପଢ଼ିହାରୀ, ହରପ୍ରିୟା ମହାପାତ୍ର, ମମତା ସାହୁ, ରଚିତା ବେହେରା, ଅନୁପମା ତ୍ରିପାଠୀ ଓ କଲେଜର ପୂର୍ବତନ ଅଧକ୍ଷ ଜୟକୃଷ୍ଣ ମହନ୍ତ ପ୍ରମୁଖ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ ଉପରେ କହିଥିଲେ। ଲତିକା ସ୍ୱାଇଁ ଓ ଅନିତା ଦାସ ଯୋଗଦେଇ ଯୁକ୍ତ ୨ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ।

### ପାଗା ଫାଣ୍ଡିଗୃହ ଉଦ୍‌ଘାଟିତ

**କଟକ ଅଫିସ, ୮।୪:** ଜଗତ୍‌ପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡିର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଜଗତ୍‌ପୁର ଥାନାଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରେଣ୍ୟ ଅତିଥି କଟକ ଡିସିପି ପ୍ରତୀକ୍ ସିଂ, ସମ୍ମାନିତ ଅତିଥି ଭାବେ ଜୋନ-୧ ଏସିପି ଶୁଭନାରାୟଣ ମୁଦୁଲି, ଜୋନ୍-୬ ଏସିପି ଅମରେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ, ୪୪ନଂ. ଜୋନ୍ ଜିଲାପରିଷଦ ସଦସ୍ୟା ରଞ୍ଜିତା ସେଠୀ, ସରପଞ୍ଚ ରଶ୍ମିତା ମଲ୍ଲିକ, ସମିତି ସଭ୍ୟା ଇତିଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଗତ୍‌ପୁର ଥାନା ଅଧୀନରେ ଥିବା ୭ ପଞ୍ଚାୟତର ଆଇନଶୃଙ୍ଖଳା ପରିସ୍ଥିତିକୁ ଏହି ଫାଣ୍ଡି ନିୟନ୍ତ୍ରଣ କରୁଛି। ଫାଣ୍ଡି ଅଧିକାରୀ ଭାବେ କୁଞ୍ଜବିହାରୀ ଧୀରଙ୍କ ସମେତ ଜଣେ ଏଏସ୍‌ଆଇ, ୭ ଜଣ କନଷ୍ଟେବଲ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।

# ଦେଢ଼ ମାସରେ ସରିବ ପଙ୍କୋଦ୍ଧାର କାର୍ଯ୍ୟ

**କଟକ ଅଫିସ,୮।୪**

### ବିଜୁ ଭବନରେ ସମୀକ୍ଷା ବୈଠକ

- ସଫେଇ ପାଇଁ ଡକାଯିବ ଟେଣ୍ଡର
- ମରାମତି ହେବ ୨୦୦ ମୋଟର

ସହରରେ ଦେଢ ମାସ ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟ ଶେଷହେବ। ଏଥିସହ ପଟ୍ଟାପୋଲ ମୁଖ୍ୟ ଡ୍ରେନ୍ ନଂ. ୧ ଓ ମହାନଦୀ ବିହାର-ବିଦ୍ୟାଧରପୁର ମଧ୍ୟରେ ଥିବା ମୁଖ୍ୟ ଡ୍ରେନ ନଂ. ୨ର ସଫେଇ କାର୍ଯ୍ୟ ତୁରନ୍ତ ବଡ ମେଶିନ ଜରିଆରେ କରାଯିବ। ଏହି କାର୍ଯ୍ୟ ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ କରିବା ପାଇଁ କଟକ ବିଜୁ ଭବନରେ ଶୁକ୍ରବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ଅଧ୍ୟକ୍ଷତା କରିଥିଲେ। ଛୋଟ ଧରଣର ଟେଣ୍ଡର ଡକାଯାଇ ଆସନ୍ତା ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ସଫେଇ କାର୍ଯ୍ୟ ଆରମ୍ଭ କରାଯିବ। ପ୍ରତିଦିନ କେଉଁ ଅଞ୍ଚଳରେ କେତେ



ବୈଠକରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସହ ଅନ୍ୟମାନେ।

ପରିମାଣର ପଙ୍କୋଦ୍ଧାର କାର୍ଯ୍ୟ ସରିଲା ତାହାର ସମୀକ୍ଷା କରାଯିବ। ସେହିପରି ଜାଇକା ଏବଂ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ସମୀକ୍ଷା କରାଯିବ। ଆସନ୍ତା ୧୨ ତାରିଖରେ ମଶା ନିୟନ୍ତ୍ରଣ ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ହେବ। ଏଥିରେ କଟକ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଆସନ୍ତା ୧୮ ତାରିଖରେ ଜାଇକା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ମେୟର କହିଛନ୍ତି। ୨୦୦ ମୋଟର ମରାମତି ଓ ଆବଶ୍ୟକତା ଅନୁଯାୟୀ ନୂଆ ମୋଟର କିଣାଯିବା ପାଇଁ ପ୍ରସ୍ତୁତି ହେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଦମୟନ୍ତୀ ମାଝି, ସିଟି ଇଞ୍ଜିନିୟର ସୁବା ରାଓ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ପରିବା ଚାଷୀଙ୍କୁ ନୂତନ ବିକଳ୍ପ ଦେବ ହାଇଡ୍ରୋପୋନିକ ଚାଷ'

**କଟକ ଅଫିସ, ୮।୪**

### ରେଭେନ୍‌ଶାରେ ମୃତ୍ତିକାହୀନ ଚାଷ ସମ୍ପର୍କିତ କର୍ମଶାଳା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ମୃତ୍ତିକାହୀନ ହାଇଡ୍ରୋପୋନିକ ଚାଷ ଉପରେ ୪ ଦିନିଆ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅସିମା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରୋଗ୍ରାମ ନିର୍ଦ୍ଦେଶକ ଡ. କ୍ଷୀରୋଦ କୁମାର ସାହୁ ଯୋଗଦେଇ କହିଥିଲେ, ହାଇଡ୍ରୋପୋନିକ ମାଧ୍ୟମରେ ଚାଷ କରିବା ଏକ ଉନ୍ନତ ପ୍ରଯୁକ୍ତିବିଦ୍ୟା। ହାଇଡ୍ରୋପୋନିକ ଚାଷ ପରିବା ଚାଷୀଙ୍କ ପାଇଁ ମଧ୍ୟ ଏକ ନୂତନ ବିକଳ୍ପ ଖୋଲିବ। ଆଗାମୀ ଦିନରେ ଉକ୍ତ ପ୍ରଯୁକ୍ତିବିଦ୍ୟା ବିଷୟରେ ରାଜ୍ୟର କୃଷକଙ୍କୁ ତାଲିମ ପ୍ରଦାନ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାର ହାଇଡ୍ରୋପୋନିକ୍ସ ଓ ଆକ୍ୱାପୋନିକ୍ସ ଚାଷ କରିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ ଓ ସବ୍‌ସିଡ୍ ଦେଉଛନ୍ତି। ଏହି ଚାଷ ପଦ୍ଧତି ଗ୍ରାମାଞ୍ଚଳରେ ଅବଲମ୍ବନ କରିବାକୁ ଚାଷୀଙ୍କୁ ୫୦ରୁ ୬୦ ପ୍ରତିଶତ ସବ୍‌ସିଡି ଦିଆଯାଉଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆମ ରାଜ୍ୟ ଫୁଲ ଆମଦାନି କରୁଛି। ସ୍ୱାବଲମ୍ବୀ ହେବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଫୁଲ ଚାଷ ଆବଶ୍ୟକ ବୋଲି ସାହୁ କହିଥିଲେ। ଏଥିରେ ବିଭାଗର ମୁଖ୍ୟ ପ୍ରଦୀପ୍ତ କୁମାର ମହାପାତ୍ର ଉପସ୍ଥିତ ଥିବାବେଳେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ୟୁଜି, ପିଜି, ଏମ୍.ଫିଲ୍, ପି.ଏଚ୍‌ଡିର ୨୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# 'ବାସୁଦେବ ଥିଲେ ବିଜ୍ଞାନ, ସାହିତ୍ୟର ସଫଳ ସ୍ରଷ୍ଟା'



ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୮।୪**

### ପ୍ରଫେସର ବାସୁଦେବ କରଙ୍କ ତୈଳଚିତ୍ର ଉନ୍ମୋଚିତ

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ବାସୁଦେବ କରଙ୍କ ତୈଳଚିତ୍ର ଶୁକ୍ରବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଉନ୍ମୋଚିତ ହୋଇଯାଇଛି। ପଦ୍ମଶ୍ରୀ ରଜତ କୁମାର କର ଏହାକୁ ଉନ୍ମୋଚନ କରି କହିଥିଲେ, ଭାରତୀୟ ସଂସ୍କୃତି, ସଂସ୍କୃତ, ଇଂଲିଶ ଓ ବିଜ୍ଞାନରେ ପ୍ରଫେସର କରଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସେହିପରି ମୁଖ୍ୟ ଅତିଥି ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, ବିଜ୍ଞାନ ସାହିତ୍ୟର ସଫଳ ସ୍ରଷ୍ଟା ଭାବେ ବିଜ୍ଞାନକୁ ଲୋକାଭିମୁଖୀ କରିବାରେ ତାଙ୍କ ଭୂମିକା ଅତୁଳନୀୟ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ବୈଜ୍ଞାନିକଙ୍କ ଚିନ୍ତା-ଚେତନାକୁ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚାଇବାରେ ପ୍ରଫେସର କରଙ୍କ ଅବଦାନ ସ୍ମରଣୀୟ। ସମ୍ମାନିତ ଅତିଥି ପ୍ରଫେସର ନିରଞ୍ଜନ ତ୍ରିପାଠୀ କହିଥିଲେ, ଚିକିତ୍ସା ବିଜ୍ଞାନକୁ ପ୍ରଫେସର କରଙ୍କ ଅବଦାନ ଅତୁଳନୀୟ। ଅନୁଷ୍ଠାନର ଉପସଭାପତି ସଙ୍ଗୀତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ସୁଦର୍ଶନ ପଟ୍ଟନାୟକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା ସ୍ୱଚ୍ଛ ସର୍ବେକ୍ଷଣ

**କଟକ ଅଫିସ,୮।୪**

ସହରରେ ଶୁକ୍ରବାରଠାରୁ ସ୍ୱଚ୍ଛ ସର୍ବେକ୍ଷଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୨ଟି ୱାର୍ଡରେ କେନ୍ଦ୍ରୀୟ ଟିମର ସଦସ୍ୟମାନେ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ବୁଲିବା ସହ ଡ୍ରେନ୍ ବ୍ୟବସ୍ଥା ଯାଞ୍ଚ କରିଥିଲା। ଏହି ୧୨ଟି ୱାର୍ଡରେ ନାଗରିକମାନଙ୍କର ମତାମତ ମଧ୍ୟ ନିଆଯାଇଥିବା ଜଣାପଡିଛି। ୫ ଜଣିଆ ୨ଟି ଟିମ୍ ସହ ସିଏମ୍‌ସିର ସାନିଟାରୀ ଇନ୍‌ସପେକ୍ଟର ଏବଂ ପରିମଳ ବିଶେଷଜ୍ଞମାନେ ସାମିଲ ହୋଇ ୱାର୍ଡରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ।

# 'ଗବେଷଣା କ୍ଷେତ୍ରରେ ଉନ୍ନତି ହେଲେ ଉତ୍ପାଦନ ବଢ଼ିବ'

**କଟକ ଅଫିସ, ୮।୪**

କଟକ ରେଲୱେ ସେଟେଲମେଣ୍ଟ ହାଇସ୍କୁଲରେ ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ବିଜ୍ଞାନ ମେଳାରେ ୮୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଷଡଙ୍ଗୀଙ୍କ ପୌରୋହିତ୍ୟରେ ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନମେଳା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକ ଦୃଢମନା ହେବା ଦରକାର। ବିଜ୍ଞାନ ଗବେଷଣା କ୍ଷେତ୍ରରେ ଉନ୍ନତି ହେଲେ ଉତ୍ପାଦାନ ବଢିବ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ, କର୍ପୋରେଟର ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦୀପ୍ତି ଶୁଭଦର୍ଶିନୀ, ମଣ୍ଡଳ ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋ, କନକଲତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବିଜ୍ଞାନ ମେଳାରେ ୧୦୬ ପ୍ରକଳ୍ପ ପ୍ରଦର୍ଶିତ

**ସାଲେପୁର, ୮।୪(ଡି.ଏନ୍.ଏ.)**

ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ୨୦୨୨ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସ୍ୱତନ୍ତ୍ର ଅତିଥି ଭାବେ ସାଲେପୁର ବିଡିଓ ରାଜୀବ ଦାସ, ମୁଖ୍ୟବକ୍ତା ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ ଯୋଗଦେଇ ବିଜ୍ଞାନ, ଗଣିତ ଓ ପରିବେଶ ଉପରେ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ରଜନୀକାନ୍ତ ଦାଶ, ଜିଲା ପରିଷଦ ସଭ୍ୟ ହରପ୍ରସନ୍ନ ବେହେରା, ନମିତା ସେଠୀ, ରଞ୍ଜିତା ସେଠୀ, ବ୍ଲକ୍ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ଏବିଡିଓ ନିରଞ୍ଜନ ଦାସ, ବିଆର୍‌ସିସି ବିଳାସିନୀ ବାହିନୀପତି, ଏବିଇଓ ଅଶୋକ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୧୦୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**କଟକ ସଦର, ୮।୪(ଡି.ଏନ୍.ଏ.)**

### ନିଆଁରେ ପୋଡ଼ି ଯୁବକଙ୍କ ମୃତ୍ୟୁ ଘଟଣା

ନିଆଁରେ ପୋଡିହୋଇ ଗୁରୁତର ଥିବା ୪୨ ମୌଜା ଥାନା ଅନ୍ତର୍ଗତ ମଣିବାଡ ଗ୍ରାମର ରମେଶ ମଲ୍ଲିକଙ୍କର କଟକ ବଡ ଡାକ୍ତରଖାନାରେ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। କେହି ଦୁର୍ବୃତ୍ତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବାରୁ ପୋଡିହୋଇ ମୃତ୍ୟୁ ଘଟିଥିବା ରମେଶଙ୍କ ପୁତୁରା ବିକାଶ ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ଅପରାହ୍ନ ୩ଟାରେ ମୃତକଙ୍କ ପରିବାର ସଦସ୍ୟ ଓ ପଡୋଶୀ ବେଣ୍ଟକାରଠାରେ ୪୨ ମୌଜା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ କଟକ ଏସିପି ଚନ୍ଦନ ଘଡେଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ୫ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତିରେ ରମେଶଙ୍କ ଘରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ଘରେ ଶୋଇଥିବା ରମେଶ, ତାଙ୍କ ସ୍ତ୍ରୀ ବୈଜୟନ୍ତୀ ଓ ପୁଅ ସତ୍ୟପ୍ରକାଶ ନିଆଁରେ ପୋଡି ଆହତ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରମେଶଙ୍କ ମୃତ୍ୟୁ ଘଟିଛି। କେହି ଦୁର୍ବୃତ୍ତ ରମେଶଙ୍କ ଘରର ବାହାରପଟୁ କବାଟ ଝିଞ୍ଜିରି ଦେଇ ନିଆଁ ଲଗାଇ ଦେଇଥିବା ବିକାଶ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୫୭/୨୨) ରୁଜୁ କରିଥିଲା। ଅପରପକ୍ଷେ ବୈଜୟନ୍ତୀ ଓ ସତ୍ୟପ୍ରକାଶ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।




ଦୁର୍ବୃତ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ କରାଯାଇଛି।

# ହାବିଲଦାରଙ୍କୁ ଥାନାରେ ଦୁର୍ବ୍ୟବହାର

**କଟକ ଅଫିସ, ୮।୪**

### ଡିଜିପିଙ୍କ ନିକଟରେ ଅଭିଯୋଗ

ଭଦ୍ରକ ଜିଲାର ଜଣେ ହାବିଲଦାରଙ୍କୁ ପୋଲିସ ଦୁର୍ବ୍ୟବହାର କରିଛି। ଏ ସମ୍ପର୍କରେ ସମ୍ପୃକ୍ତ ହାବିଲଦାରଙ୍କ ଝିଅ ଶୁକ୍ରବାର ଡିଜିପିଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇଁ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଜିଲା ପୋଲିସରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ବୈକୁଣ୍ଠ ଦାସ ପରିବାର ସହ ନିକଟସ୍ଥ ପୋଲିସ କଲୋନୀରେ ରୁହନ୍ତି। ଗତ ୨୫ ତାରିଖରେ ଲୁଗା ଶୁଖାଇବାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏ ନେଇ ଭଦ୍ରକ ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ତାଙ୍କୁ ଥାନାକୁ ଡାକିଥିଲା। ସେଠାରେ ଥାନା ଅଧିକାରୀ ଓ ଏସ୍‌ଆଇ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହା ସହ୍ୟ ନ କରିପାରି ସେ ଘରକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କଟକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ବିଭାଗରେ ଥାଇ ମଧ୍ୟ ଜଣେ କର୍ମଚାରୀଙ୍କୁ ନିର୍ଯାତନା ଦିଆଯିବା ଓ ମାନସିକ ଚାପ ପକାଇ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରାଯିବାକୁ ନେଇ ବୈକୁଣ୍ଠଙ୍କ ଝିଅ ରାଜେଶ୍ୱରୀ ନିନ୍ଦା କରିଛନ୍ତି। ତେଣୁ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜେଶ୍ୱରୀ କଟକ ପୋଲିସ ମୁଖ୍ୟାଳୟରେ ପହଞ୍ଚି ଡିଜିପିଙ୍କୁ ନିବେଦନ କରିଥିଲେ। ତାଙ୍କ ବାପାଙ୍କ ନାମରେ ଏକାଧିକ ଅଭିଯୋଗ ରହିଛି। ଚାକିରି ଆଉ ଦୁଇ ବର୍ଷ ରହିଛି ଓ ଏହି ସମୟ ମଧ୍ୟରେ ସେ ଠିକ୍ ଭାବେ ନିଜର କର୍ତ୍ତବ୍ୟ ନିର୍ବାହ କରନ୍ତୁ ବୋଲି ଡିଜିପି କହିଥିବା ରାଜେଶ୍ୱରୀ ପ୍ରକାଶ କରିଛନ୍ତି।

# ଏଫ୍‌ଏସ୍‌ଟିପି ପରିଦର୍ଶନ କଲେ କର୍ନାଟକ ଟିମ୍

**କଟକ ଅଫିସ, ୮।୪**

ଭାରତରେ ଉଦାହରଣ ସୃଷ୍ଟି କରିଛନ୍ତି ବହୁଚରା ମାତା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟ। ସମାଜରେ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ରେ ଥିବା କିନ୍ନରମାନଙ୍କୁ ନେଇ ଗଠନ କରାଯାଇଛି ଏସ୍‌ଏଚ୍‌ଜି। ଏହି ଗ୍ରୁପ ମତ୍ତଗଜପୁରସ୍ଥିତ ଫେକାଲ ସ୍ଲଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏଫ୍‌ଏସଟିପି)ର କାର୍ଯ୍ୟ ଭାର ସମ୍ଭାଳିଛନ୍ତି। ପ୍ଲାଣ୍ଟକୁ ଆସୁଥିବା ମଳରୁ ଖତ ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ଏହି ଗ୍ରୁପ୍‌ର ୧୦ ଜଣିଆ ସଦସ୍ୟ। ତେବେ ଦେଶରେ ଏହି ଗ୍ରୁପ୍ ଏଭଳି ପ୍ଲାଣ୍ଟକୁ ପରିଚାଳନାରେ ସଫଳତା ହାସଲ କହିଛନ୍ତି। ଏହି ପରିପ୍ରେକ୍ଷୀରେ କର୍ନାଟକ ମ୍ୟୁନିସିପାଲ କର୍ପୋରେଶନ ଓ ସଫେଇ କର୍ମଚାରୀ ସଂଘର ଏକ ଟିମ୍ ଶୁକ୍ରବାର ଏହି ପ୍ଲାଣ୍ଟ ପରିଦର୍ଶନ କରିଥିଲା। ସେଠାରେ କିନ୍ନରମାନଙ୍କ କାର୍ଯ୍ୟଶୈଳୀ ଓ କର୍ମ ନିଷ୍ଠା ଦେଖି ଟିମ୍‌ର ସଦସ୍ୟମାନେ ଖୁସିବ୍ୟକ୍ତ କରିଥିଲେ। ଏଥିସହ ଏହି ଗ୍ରୁପ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ସେମାନେ କହିଥିଲେ। ଆଗାମୀ ଦିନରେ କର୍ନାଟକରେ ମଧ୍ୟ ଏପରି କାର୍ଯ୍ୟ କରାଯିବାର ଯୋଜନା ରହିଛି ସେମାନେ କହିଥିଲେ। ଏହି ପରିଦର୍ଶନ ସମୟରେ ଡେପୁଟି କମିଶନର ସଞ୍ଜୀବିତା ରାୟ, କର୍ନାଟକ ଷ୍ଟେଟ୍ ସଫେଇ କର୍ମଚାରୀ ଡେଭଲପମେଣ୍ଟ କର୍ପୋରେଶନର ଚେୟାରମ୍ୟାନ ଏଚ୍. ହନୁମନ୍ତ ଥପା, କର୍ନାଟକ ମ୍ୟୁନିସିପାଲ ପ୍ରଶାସକ ଅର୍ଚ୍ଚନା ଏମ୍.ଏସ୍. ଓ ସୌମ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀରୁ ସହରକୁ ଜଳ ଯୋଗାଣ ପ୍ରହସନ

**ଆଠଗଡ଼,୮।୪(ସ୍ୱ.ପ୍ର.)**

### ଆଠଗଡ଼ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ

- ଅସ୍ଥାୟୀ ଇନ-ଟେକୱେଲରେ ହେଉଥିବା ଜଳ ଯୋଗାଣ ଏବେ ଅଚଳ
- ୨୪ ଘଣ୍ଟିଆ ଜଳଯୋଗାଣ ପାଇଁ ୪୫ କୋଟିର ବ୍ୟୟ ବରାଦ
- ୨୧ ନଳକୂପରୁ ୩ ଖରାପ

ଆଠଗଡ଼ ସହରର ବିଭିନ୍ନ ୱାର୍ଡରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସହରକୁ ମହାନଦୀରୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏବେ ଆବଶ୍ୟକ ଜଳ ମିଳୁ ନଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ୧ନମ୍ବର ୱାର୍ଡର ତାଳଖମା, ୭ନଂ.ଉପରସାହି,୯ନଂ. ବୀରକିଶୋରପୁର, ୧୫ନଂ.ଗାନ୍ଧୀ ମାର୍ଗ, ୧୬ନଂ.ମୈତ୍ରୀ ନଗର, କନ୍ତୋଲ ଅଞ୍ଚଳ ସମେତ ୧୦, ୧୧, ୧୨, ୧୩ ଏବଂ ୧୭ନଂ ୱାର୍ଡ ଆଦିରେ ଏହି ସମାସ୍ୟା ଉଗ୍ରରୂପ ଧାରଣ କରିଛି।

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ୨୫୮୬ ପରିବାରକୁ ଜଳ ଯୋଗାଣ ପାଇଁ ସଂଯୋଗ ଦିଆଯାଇଛି। ଏଥିପାଇଁ ପ୍ରତିଦିନ ୨୪,୩୦୦ ହଜାର ଲିଟର ଜଳର ଆବଶ୍ୟକତା ରହିଛି। ଏନେଇ ମହାନଦୀରୁ ୧୫ ଲକ୍ଷ ଲିଟର ଓ ସହର ମଧ୍ୟରେ ଥିବା ବିଭାଗର ୨୧ ଗଭୀର ନଳକୂପ ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି। ମାତ୍ର ଆଠଗଡ଼ ସହରକୁ ଜଳ ଯୋଗାଣ ପାଇଁ ବାଙ୍କୀ ବ୍ଲକ ଫୁଲବାଡିଠାରେ ନିର୍ମାଣ ପ୍ରକଳ୍ପଟି ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ୨୦୧୫ ମେ ୧୭ରେ ମୁଖ୍ୟମନ୍ତ୍ରୀ ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ମାତ୍ର ଏହି ପ୍ରକଳ୍ପ ପାଇଁ ଅଦ୍ୟାବଧି ଏକ ସ୍ଥାୟୀ ଇନ୍-ଟେକୱେଲ ଖନନ ହୋଇପାରିନାହିଁ। ଦୀର୍ଘ ୭ବର୍ଷ ଧରି ଏକ ଅସ୍ଥାୟୀ ଇନ୍-ଟେକୱେଲରୁ ବିପଦଜ୍ଜନକ ଭାବେ ଏଠାରେ ଜଳ ଯୋଗାଣ ହେଉଛି। କିନ୍ତୁ ଏହା ଏବେ ଅଚଳ ହୋଇଯାଇଛି। ବର୍ଷର ଅଧିକାଂଶ ସମୟରେ ଏହା ଅଚଳ ରହୁଥିବାରୁ ମହାନଦୀରୁ ସହରକୁ ଜଳଯୋଗାଣ ପହସନ ପାଲଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ସହର ମଧ୍ୟରେ ଥିବା ଗଭୀର ନଳକୂପ ମଧ୍ୟରୁ ୩ଟି ଅଚଳ ହୋଇଯାଇଥିବାରୁ ଅଧିକାଂଶ ସମୟରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ଶୁକ୍ରବାର ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଏଥିରେ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବ କିଶୋର ସାମଲ ଯୋଗଦେଇ ସହରର ଜଳ ସଙ୍କଟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସହରରକୁ ମହାନଦୀରୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପୂର୍ବରୁ ଥିବା ପ୍ରକଳ୍ପକୁ ଉଚ୍ଚ କ୍ଷମତା ସମ୍ପନ୍ନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିସହ ଇନ-ଟେକୱେଲ ଖନନ ପାଇଁ ଟେଣ୍ଡର ସରିଛି। ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସହରରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ସରକାରଙ୍କ ଦ୍ୱାରା ୪୫ କୋଟି ଅର୍ଥ ବ୍ୟୟ ବରାଦ କରାଯାଇଛି। ଏହା ମାଧ୍ୟମରେ ସହରର ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକରେ ତୁରନ୍ତ ଗଭୀର ନଳକୂପ ଖୋଳି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ବିଭାଗୀୟ ସହକାରୀ ଯନ୍ତ୍ରୀ ପୃଥୀ ରାଜ ପଣ୍ଡା କହିଛନ୍ତି, ଆଗକୁ ଗ୍ରୀଷ୍ମ ଋତୁ ଥିବାରୁ ଜଳକ୍ଲିଷ୍ଟ ଅଞ୍ଚଳରେ ନଳକୂପ ଖୋଳାଯିବା ପାଇଁ ସ୍ଥାନ ନିରୂପଣ କରାଯାଉଛି। ଏହାପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।